

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୮ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 September 2024

Vol.No. 35 ■ No.260 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭିଜିଲାନ୍ସ ଜାଲରେ ଯନ୍ତ୍ରୀ

କୋରାପୁଟ/ବୈପାରିଗୁଡା, ୨୭/୯ (ନି.ପ୍ର): ରାଜ୍ୟବାସୀଙ୍କ ପାଇଁ ସେବା କରିବାର ଦୀର୍ଘ ଦିନର ଅଭିଜ୍ଞତା ହାସଲ ହୋଇପାରି ନାହିଁ। ଯନ୍ତ୍ରୀ ଭାବେ ସେବା ଦେବାର ଅଭିଜ୍ଞତା ଦୀର୍ଘ ଦିନର ନଥିଲେ ବି ଦୁର୍ନୀତି କରିବାରେ ସିଦ୍ଧ ହସ୍ତା ହୋଇଥିଲେ। ସମ୍ଭବତଃ ପୂର୍ବ ଭଳି ଆଜି ମଧ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଗଲେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ସହକାରୀ ଯନ୍ତ୍ରୀ ଭାନୁମତୀ ଟୁଡୁ। ଜଣେ ହିତାଧିକାରୀଙ୍କୁ ଗାଈ ଗୁହାଳ ନିର୍ମାଣ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରାଜ୍ୟ ସରକାର ଗୋପାଳନକୁ ପ୍ରୋତ୍ସାହନ ଦେଉଛନ୍ତି। ଗାଈ ପାଳନ କରି ଗୋପାଳକମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଚାହୁଁଛନ୍ତି। ତେବେ ଏହି କାମ ପାଇଁ ନିୟୋଜିତ କର୍ମଚାରୀ ଅସାଧୁ ଉପାୟରେ ଅର୍ଥ ରୋଜଗାର କରୁଛନ୍ତି। ମୋଟା ଅଙ୍କର ଦରମା ପାଉଥିଲେ ମଧ ଗରିବ, ଖଟିଖିଆ, ମୁଲିଆଙ୍କ ଠାରୁ ଲାଞ୍ଚ ନେଉଛନ୍ତି। ଭାନୁମତୀ ଟୁଡୁ କୁନ୍ଦୁରା ବ୍ଲକର ଜଣେ ହିତାଧିକାରୀଙ୍କ ଗାଈ ଗୁହାଳ ବିଲ୍? କରିଦେବାକୁ ୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଛନ୍ତି। ଭାନୁମତୀ ଲାଞ୍ଚ ମାଗିବା ପରେ ହିତାଧିକାରୀ ଜଣକ ଏନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ▶▶ପୃଷ୍ଠା ୭

# ବାବୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା: 'ଗର୍ବ ଛାଡ଼ି ଜନପ୍ରତିନିଧିଙ୍କୁ ସମ୍ମାନ କର'



ବାର୍ତ୍ତା .. ଲୋକସେବା ଭବନ କନଭେନ୍ସନ ହଲରେ ନୂଆ ସରକାରର ପ୍ରଥମ ଜିଲ୍ଲାପାଳ ସମ୍ମିଳନୀକୁ ଆଜି ଏମିତି ଢଙ୍ଗରେ ସମ୍ବୋଧିତ କରି ଶାସନ ଓ ବିକାଶର ରୋଡ୍ ମ୍ୟାପ୍ ରଖିଛନ୍ତି, ନିଜ ଅନୁଭୂତି ଓ ଅଭିଜ୍ଞତାରୁ ପୂର୍ବ ସରକାରର ଅଫିସରରାଜ୍ ଉପରେ କଡ଼ା ପ୍ରହାର କରିଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୯ (ନି.ପ୍ର): ମୋହନ ସରକାରର ପ୍ରଥମ ଜିଲ୍ଲାପାଳ ସମ୍ମିଳନୀରେ ଅଫିସରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ବାର୍ତ୍ତା । ସେକାଳ ପଖାଳ ଆଉ ନାହିଁ । ଗର୍ବ ଛାଡ଼ି ଲୋକପ୍ରତିନିଧିଙ୍କୁ ସମ୍ମାନ କର, ନିୟମିତ ଫିଲ୍ଡ ଭିଜିଟ୍ କରି ସରକାରଙ୍କ ଯୋଜନାର ସଫଳ କାର୍ଯ୍ୟାନ୍ୱୟ ଉପରେ ଗୁରୁତ୍ୱ ଦିଅ । ନିଜ ଅନୁଭୁତି ଓ ଅଭିଜ୍ଞତାରୁ ପୂର୍ବ ସରକାର ସମୟରେ ପ୍ରଶାସନିକ ସ୍ତରରେ ହେଉଥିବା ତ୍ରୁଟି ବିଚ୍ୟୁତିର ଉଦାହରଣ ଦେଇ ପ୍ରଶାସନକୁ ଲୋକାଭିମୁଖୀ ହେବାକୁ ପରାମର୍ଶ ବି ଦେଇଛନ୍ତି ମୁଖ୍ୟମନ୍ତ୍ରୀ । କଡ଼ା ଆଭିମୁଖ୍ୟ, କଠୋର ବାଣୀ, ଶକ୍ତ ମୋହନ ମାଝୀ । କହିଛନ୍ତି- ନୂଆ ସରକାରର ନୂଆ ଆଭିମୁଖ୍ୟକୁ ନେଇ ଆମକୁ କାମ କରିବାକୁ ପଡ଼ିବ । ସରକାର ଓ ଲୋକଙ୍କ ମଧ୍ୟରେ ସେତୁ ହେଉଛନ୍ତି ଜିଲ୍ଲାପାଳ । ସବୁ ଯୋଜନା ଠିକ୍ ସମୟରେ ଆରମ୍ଭ ହୋଇ ଠିକ୍ ସମୟରେ ଶେଷ ହେବା ଦରକାର । ତେଣୁ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟ ପାଇଁ ନିୟମିତ ଫିଲ୍ଡ ଭିଜିଟ୍ କରନ୍ତୁ । ସ୍କୁଲ, ଅଙ୍ଗନୱାଡ଼ି, ଥାନା, ସ୍ୱାସ୍ଥ୍ୟ କେନ୍ଦ୍ର ସବୁଠିକୁ ଯାଆନ୍ତୁ, ତ୍ରୁଟି-ବିଚ୍ୟୁତି ଦେଖିଲେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଦୁର୍ନୀତି ପ୍ରତି ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିକୁ ଦୋହରାଇ କହିଛନ୍ତି, ଏନେଇ କୌଣସି ସ୍ତରରେ ସାଲିସ କରାଯିବ ନାହିଁ । ଦୋଷୀଙ୍କୁ ବରଦାସ୍ତ କରାଯିବନି । ପୂର୍ବ ସରକାରରେ ହୋଇଥିବା ଦୁର୍ନୀତିର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବି କହିଛନ୍ତି ମୁଖ୍ୟମନ୍ତ୍ରୀ । ଗାଦିମଡ଼ା ବାବୁଙ୍କୁ ତାଗିଦ୍ କରି କହିଛନ୍ତି, ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ରୁ ୪ ବର୍ଷ ରହିବା କଥା । କିନ୍ତୁ ପୂର୍ବ ସରକାରରେ ଦେଖାଯାଇଛି ଜଣେ ଜଣେ ଗୋଟିଏ ଗୋଟିଏ ବିଭାଗରେ ୧୫-୨୦ ବର୍ଷ ଯାଏଁ ରହିଛନ୍ତି । ହେଲେ ସେକାଳ ପଖାଳ ଆଉ ନାହିଁ କହି ଶାସନରେ ସ୍ୱଚ୍ଛତା ପାଇଁ ନିୟମ ଆଧାରରେ ବଦଳିକୁ ସୁନିଶ୍ଚିତ ▶▶ପୃଷ୍ଠା ୭

## ଅରୁଣ ଷଡଙ୍ଗୀ ହେଲେ ଓପିଏସସି ଚେୟାରମ୍ୟାନ



ଭୁବନେଶ୍ୱର, ୨୭/୯ (ନି.ପ୍ର): ଶୁକ୍ରବାର ଦିନ ରାଜ୍ୟ ସରକାର ବରିଷ୍ଠ ଆଇପିଏସ ଅଫିସର ଅରୁଣ ଷଡଙ୍ଗୀଙ୍କୁ ଓପିଏସସି ଚେୟାରମ୍ୟାନ ପଦରେ ନିଯୁକ୍ତି ଦେଇଛନ୍ତି । ଏହା ପୂର୍ବରୁ ସେ ଇନଚାର୍ଜ ଅଫ୍ ଡିଜିପି ପଦଭାର ସମ୍ଭାଳିଥିଲେ । ସ୍ୱତନ୍ତ୍ର ପୋଲିସ ମହାନିର୍ଦ୍ଦେଶକ (ପ୍ରଶିକ୍ଷଣ) ତଥା ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଓଡିଶାର ନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀଙ୍କୁ ଓଡିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତ କରି ରାଜ୍ୟପାଳ ଖୁସିବ୍ୟକ୍ତ କରିଛନ୍ତି । ଏନେଇ ଶୁକ୍ରବାର ଦିନ ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ତରଫରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ ଓପିଏସସିର ଅଧ୍ୟକ୍ଷ ଭାବେ ଅରୁଣ କୁମାର ଷଡଙ୍ଗୀଙ୍କ ଚାକିରି ସର୍ତ୍ତାବଳୀ ସମୟ ସମୟରେ ସଂଶୋଧିତ ହୋଇପାରେ ।

## ଅନାସ୍ଥା ଭୋଟରେ ହାରିଲେ ନୀଳଗିରି ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ



ନୀଳଗିରି, ୨୭/୯ (ନି.ପ୍ର): ନିଜ ଦାୟିତ୍ୱରେ ଅବହେଳା, ୱାର୍ଡ ପ୍ରତି ପକ୍ଷପାତିତା ଆଦି ବିଭିନ୍ନ ଅଭିଯୋଗ ନେଇ ୧୧ଜଣ କାଉନସିଲର ନୀଳଗିରି ଏନଏସି ଅଧକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ଅଗଷ୍ଟ ୧୪ତାରିଖରେ ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ରୋଷଘର ଘିଅ ସହ ଯାଞ୍ଚ ହେବ ଅବଢ଼ାର ମାନ: ଆଇନମନ୍ତ୍ରୀ



ଭୁବନେଶ୍ୱର, ୨୭/୯ (ନି.ପ୍ର): ତିରୁପତି ପରେ ତତ୍ପରତା । ବାଲାଜୀ ମନ୍ଦିରରୁ ଶିକ୍ଷା । ଶ୍ରୀମନ୍ଦିରରେ ମହାପ୍ରସାଦର ହେବ ମାନ ଯାଞ୍ଚ । ରୋଷ ଘରକୁ ଯାଉଥିବା ସାମଗ୍ରୀ ହେଉ କି ସେଠୁ ବାହାରୁଥିବା ଅବଢ଼ା, ସବୁର ହେବ ମାନ ପରୀକ୍ଷଣ। ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଛନ୍ତି ଏ ସୂଚନା। ମନ୍ତ୍ରୀ କହିଛନ୍ତି-ଜଗନ୍ନାଥ ମନ୍ଦିରରେ ମହାପ୍ରସାଦର ମାନ ଯାଞ୍ଚ ପାଇଁ ନିଯୁକ୍ତ ହେବେ ଫୁଡ୍ ଇନ୍ସପେକ୍ଟର। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ସରିଛି। ଖାଲି ଅବଢ଼ା ନୁହେଁ, ଅବଢ଼ା ପ୍ରସ୍ତୁତିରେ ଲାଗୁଥିବା ଘିଅର ବି ହେବ ମାନ ପରୀକ୍ଷା। ତିରୁପତି ବାଲାଜୀଙ୍କ ଲଡୁ ପ୍ରସ୍ତୁତିରେ ପଶୁ ଚର୍ବି ବ୍ୟବହାର ହେଉଥିବାର ସାଂଘାତିକ ▶▶ପୃଷ୍ଠା ୭

## ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ଭଦ୍ରକରେ ତୁମୁଳକାଣ୍ଡ



ଭଦ୍ରକ, ୨୭/୯ (ନି.ପ୍ର): ସୋସିଆଲ୍ ମିଡିଆରେ ଏକ ପୋଷ୍ଟକୁ ନେଇ ଭଦ୍ରକରେ ତୁମୁଳକାଣ୍ଡ। ଅଭିଯୁକ୍ତଙ୍କ ଗିରଫ ଦାବି କରି ରାଲିବେଳେ ପୋଲିସ୍ ଉପରକୁ ପଥର ମାଡ଼ ହୋଇଥିବାରୁ ଆହତ ହୋଇଛନ୍ତି ୩ ପୋଲିସ ଅଧିକାରୀ। ତା'ସହ ଘଟଣାସ୍ଥଳକୁ ଯାଇଥିବା ତହସିଲଦାରଙ୍କ ଗାଡ଼ି ବି ଭଙ୍ଗାରୁଜା ହୋଇଥିବା ସୂଚନା ମିଳିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଲାଠିଚାର୍ଜ କରିବା ସହ ସହରରେ ଫ୍ଲାଗମାର୍ଚ୍ଚ କରିଛି। ତା'ସହ ଲାଗୁ ହୋଇଛି ଭାରତୀୟ ନ୍ୟାୟ ସଂହିତାର ଧାରା-୧୬୩। ପୁରୁଣା ବଜାର ଥାନା ଇଲାକାରେ ଲାଗିଛି ଏହି ଧାରା। ମିଳିଥିବା ସୂଚନା ଅନୁଯାୟୀ, ତିହିଡ଼ି ଅଞ୍ଚଳର ଜଣେ ଯୁବକ ଫେସବୁକରେ ଏକ ପୋଷ୍ଟ କରିଥିଲେ। ▶▶ପୃଷ୍ଠା ୭

## ଭରତପୁର ଥାନା କାଣ୍ଡ: ଆଉ ୪ ପୁଲିସ ଅଧିକାରୀଙ୍କର ହେବ ପଲିଗ୍ରାଫ ଟେଷ୍ଟ

ଭୁବନେଶ୍ୱର, ୨୭/୯ (ନି.ପ୍ର): ଭୁବନେଶ୍ୱରର ଭରତପୁର ଥାନାରେ ମେଜର ଗୁରୁବଂଶ ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଆଉ ୪ ପୁଲିସ ଅଧିକାରୀଙ୍କର ହେବ ପଲିଗ୍ରାଫ ଟେଷ୍ଟ। ସେମାନଙ୍କର ପଲିଗ୍ରାଫ୍ ଟେଷ୍ଟ ପାଇଁ ଆଜି ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟ। ଏହି ୪ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ନିଲମ୍ବିତ ହୋଇଥିବା ଜଣେ ମହିଳା ସବ୍?-ଇନ୍ସପେକ୍ଟର ଓ ୨ ମହିଳା ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର। ଏହି ତିନି ଜଣଙ୍କ ସହିତ ସେଦିନ ସେଠାରେ ଉପସ୍ଥିତ ଆଉ ଜଣେ ପୁଲିସ ଅଧିକାରୀଙ୍କର ମଧ ପଲିଗ୍ରାଫ ଟେଷ୍ଟ ହେବ। ସେଥିପାଇଁ ସେମାନଙ୍କୁ ଗୁଜରାଟର ଗାନ୍ଧିନଗର ନିଆଯିବ। କିନ୍ତୁ ନିଲମ୍ବିତ କନଷ୍ଟେବଲଙ୍କର କୌଣସି ଟେଷ୍ଟ କରାଯିବ ନାହିଁ। ପୂର୍ବରୁ ଭରତପୁରର ପୂର୍ବତନ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ ପାଇଁ କୋର୍ଟ ଅନୁମତି ଦେଇସାରିଛନ୍ତି। ପଲିଗ୍ରାଫ ଟେଷ୍ଟ ସହିତ ତାଙ୍କର ନାର୍କୋ ଆନାଲିସିସ୍ ଓ ବ୍ରେନ୍ ଫିଙ୍ଗର ପ୍ରିଣ୍ଟିଂ ଟେଷ୍ଟକୁ ବି ଅନୁମତି ଦେଇଛନ୍ତି କୋର୍ଟ। ଏହି ୩ଟି ଟେଷ୍ଟ ପାଇଁ ଦୀନକୃଷ୍ଣଙ୍କୁ ମଧ ଗୁଜରାଟର ଗାନ୍ଧିନଗର ନେବ କ୍ରାଇମବ୍ରାଞ୍ଚ। ଅନ୍ୟପକ୍ଷରେ ଭରତପୁର ଘଟଣାରେ ପୀଡ଼ିତାଙ୍କ ନାଁରେ ହାଇକୋର୍ଟରେ ହୋଇଛି ମାମଲା। ନିଲମ୍ବିତ ହୋଇଥିବା ଭରତପୁର ଥାନାର ପୂର୍ବତନ ମହିଳା ପୁଲିସ ଅଧିକାରୀଙ୍କ ମାଆ ଏହି ମାମଲା କରିଛନ୍ତି।

## ଅକ୍ଟୋବରରୁ ହିତାଧିକାରୀଙ୍କୁ ମିଳିବ ଚାଉଳ ସହ ଗହମ



ଭୁବନେଶ୍ୱର, ୨୭/୯ (ନି.ପ୍ର): ଅକ୍ଟୋବର ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ମିଳିବ ଗହମ। ଓଡ଼ିଶା ସମେତ ୯ ରାଜ୍ୟର ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବ ସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ। ଏବେ ଅର୍ଡର୍ ଆସିଛି, ହିତାଧିକାରୀ ମୁଣ୍ଡ ପିଛା ଏକ ପଞ୍ଚମାଂଶ ଗହମ ମଳିବ। ଅର୍ଥାତ ଜଣେ ହିତାଧିକାରୀଙ୍କୁ ୨୦ ପ୍ରତିଶତ ଗହମ ମିଳିବ। ଜଣେ ହିତାଧିକାରୀ ୨୦ କେଜି ଚାଉଳ ସହ ୫କେଜି ଗହମ ନେଇ ପାରିବେ। ଯଦି ଜଣେ ହିତାଧିକାରୀ ଚାହିଁବେ ୧୫ କେଜି ଚାଉଳ ସହ ୧୦କେଜି ଗହମ ମଧ ନେଇପାରିବେ। ମନ୍ତ୍ରୀ କହିଛନ୍ତି, ଯେଉଁମାନେ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ସେମାନଙ୍କର ଇ-କେୱାଇସି ଯାଞ୍ଚ ଚାଲିଛି। ଯାଞ୍ଚ ପରେ ସେମାନଙ୍କୁ ରାସନକାର୍ଡ ମିଳିବ। ଇ-କେୱାଇସି ଯାଞ୍ଚ ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବ ସରକାର ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ରାସନ କାର୍ଡ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରି ଦେଇଥିଲେ। ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବେଳେ ନିଷ୍ପତ୍ତି ନେଇଥିଲେ।


DSPL-120





ଆନ୍ତର୍ଜାତୀୟ
ନିରାପଦ ଗର୍ଭପାତ ଦିବସ
୨୮ ସେପ୍ଟେମ୍ବର,୨୦୨୪

"ସଂଶୋଧିତ ଏମ.ଟି.ପି ଅଧିନିୟମ:
ଭାରତରେ ଗର୍ଭପାତ ସେବାର ପରିସର ବୃଦ୍ଧି"

ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ
ଗର୍ଭଧାରଣଠାରୁ ୨୪ ସପ୍ତାହ ପର୍ଯ୍ୟନ୍ତ ଯେକୌଣସି ସମୟରେ
ଗର୍ଭପାତ କରାଇବା ନିରାପଦ ।



୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା

୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ ପଦ୍ଧତି ଦ୍ୱାରା

୧୨ ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା

ଗର୍ଭପାତ ଯେତେ ଶୀଘ୍ର କରାଯିବ ସେତିକି ହେବ
ସହଜ,ସରଳ ଓ ସୁରକ୍ଷିତ

୨୦ ସପ୍ତାହରୁ ୨୪ ସପ୍ତାହ ପର୍ଯ୍ୟନ୍ତ
ଗର୍ଭପାତ କେବଳ ନିର୍ଦ୍ଦିଷ୍ଟ ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ

କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାନ୍ତୁ । ଏ ସମ୍ପର୍କରେ ଅଧିକ ସୂଚନା ପାଇଁ
ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରନ୍ତୁ ।

OIPR: 10003/13/0074/2425

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର

# ଷଷ୍ଠ ଜିଲ୍ଲା ପରିଷଦର ସ୍ୱତନ୍ତ୍ର ଅଧିବେଶନରେ ଯୋଗ୍ୟ ବିବେଚିତ ୧୩୨୯ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଅନୁମୋଦନ

କେନ୍ଦୁଝର, ୨୭/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ଜିଲ୍ଲା ପରିଷଦ ବୈଠକ ମାଧ୍ୟମରେ ଆଜି କେନ୍ଦୁଝର କନିଷ୍ଠ ଶିକ୍ଷକ (ଯୋଜନା ଭିତିକ - ୨୦୨୩) ଚୂଡାନ୍ତ ମେଧା ତାଲିକା ତଥା ଡଉଇଉ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ ବିଦ୍ୟାଳୟର ଚୟନ ତାଲିକାର ଅନୁମୋଦନ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ବିଧାୟକ ଘଷିପୁରା ଶ୍ରୀ ବଦ୍ରି ନାରାୟଣ ପାତ୍ର, ମାନ୍ୟବର ବିଧାୟକ ଚମ୍ପୁଆ ଶ୍ରୀ ସନାତନ ମହାକୁଡ଼, ମାନ୍ୟବର ବିଧାୟକ ଆନନ୍ଦପୁର ଶ୍ରୀ ଅଭିମନ୍ୟୁ ସେଠୀ, ମାନ୍ୟବର ଜ଼ିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ ଉପସ୍ଥିତ ଥିବା ବେଳେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୁଷଣ ଏହି ଅଧିବେଶନର ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗୌରୀ ନାଏକ କେନ୍ଦୁଝର ଜିଲ୍ଲାରେ ହେବାକୁ ଥିବା କନିଷ୍ଠ ଶିକ୍ଷକ ନିଯୁକ୍ତି ଅନୁମୋଦନର ବ୍ଲକୱାରୀ ସୂଚନା ଉପସ୍ଥାପନ କରିଥିଲେ। ସୂଚନା ଅନୁସାରେ, ଜିଲ୍ଲାରେ ସର୍ବମୋଟ ୧୩୨୯ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଡଉଇଉ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନ ହୋଇସାରିଛି ।କଳା (ପ୍ରଥମ ରୁ ପଂଚମ) ବିଭାଗରେ ୨୮୧ ଜଣ, ବିଜ୍ଞାନ (ପ୍ରଥମ ରୁ ପଂଚମ) ବିଭାଗରେ ୪୨୧ ଜଣ, କଳା (ଷଷ୍ଠରୁ ଅଷ୍ଟମ) ୨୬୦ ଜଣ, ବିଜ୍ଞାନ (ଷଷ୍ଠ ରୁ ଅଷ୍ଟମ) ବିଭାଗରେ ୩୬୪ ଜଣ ଓ ଉର୍ଦ୍ଦୁରେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ, ଏହି ବୈଠକରେ ସୂଚନା ଦେଇଥିଲେ । ଏହି ପ୍ରକ୍ରିୟାକୁ ଜିଲ୍ଲା ସ୍ତରରେ କିଭଳି ତ୍ୱରାନ୍ୱିତ କରାଯାଇ ଜିଲ୍ଲାରେ ଶିକ୍ଷାଦାନର ଗୁଣାତ୍ମକ ମାନ ବୃଦ୍ଧି କରାଯିବ ସେ ବିଷୟରେ ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ, ସବିଶେଷ ଆଲୋଚନା କରିଥିଲେ । ଶିକ୍ଷାର ମାନଦଣ୍ଡ ବୃଦ୍ଧି ଏବଂ ଉତମ ଶିକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ନାଗଭୁଷଣ କହିଥିଲେ । ପରିଶେଷରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ ସମସ୍ତ ଉପସ୍ଥିତ ଅତିଥି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଅଧିକାରୀ ବୃନ୍ଦ ଏବଂ ଲୋକପ୍ରତିନିଧିଙ୍କୁ ବୈଠକରେ ଯୋଗଦାନ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲା ପାଇଁ ୧୫୦୫ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରାଯାଇଥିଲା । ଆବେଦନକାରୀ ମାନଙ୍କ ମୂଳ ପ୍ରମାଣପତ୍ର ଓ ମାର୍କ ସିଟ ଚଳିତ ବର୍ଷ ଜାନୁଆରୀ ୨୦ ଓ ୨୧ ତାରିଖରେ କରାଯାଇଥିଲା, ଏଥିରେ ୧୩୨୯ ଜଣ ଯୋଗ୍ୟ ବିବେଚିତ ହେଇଥିଲେ।

ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ଓ ଶିକ୍ଷକ ଆବଶ୍ୟକ ଥିବା ବିଦ୍ୟାଳୟର ତାଲିକା ଡଉଇଉ କୁ ପ୍ରେରଣ କରାଯାଇଥିଲା । ପ୍ରାର୍ଥୀ ମାନେ ଚୟନ କରିଥିବା ବିଦ୍ୟାଳୟକୁ ନେଇ ଚୂଡାନ୍ତ ତାଲିକା ସ୍ଥିରୀକୃତ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

କେନ୍ଦ୍ରାପଡ଼ା, ୨୭/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ, ଜିଲ୍ଲା ପ୍ରଶାସନ ଓ ମହିଳା ଶିଶୁ ବିକାଶ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିଏସଡବ୍ଲ୍ୟୁଓ ମନୋରମା ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଡିପିସି ମମତା ମନୋରଞ୍ଜନ ଦାସ, ଡିସି ପୋଷଣ ସଂଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରୁ କୁପୋଷଣ ଦୂର କରିବା ପାଇଁ ରକ୍ତହୀନତା ବିଷୟରେ ସଚେତନ ହେବା, ଏହାର ପରୀକ୍ଷା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା, ଶିଶୁର ଅବିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ ହେବା, ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି ଓ ପାଣି ଓ ପରିବେଶର ଯତ୍ନ ନେବା, ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରା ଯାଇଥିଲା। ଜିଲ୍ଲାର ୯ଟି ବ୍ଲକରୁ ପୋଷନ ସମ୍ବନ୍ଧୀୟ ୯ଟି ଷ୍ଟଲ ଖୋଲା ଯାଇଥିଲା। ବିଭାଗୀୟ ୩୫ ଜଣଙ୍କୁ ବିଭିନ୍ନ କାର୍ଯ୍ୟରେ କାଟାଗୋରି ଅନୁଯାୟୀ ସମ୍ମାନିତ କରାଯାଇ ଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅମିତା ସିଂହ, ଡିପିଏ ସୁନିତା ବେହେରା, ଶୁଭେନ୍ଦୁ ଦାସ, ଡିପିସି ମିଶନ ଶକ୍ତି କୈଳାସ ଚନ୍ଦ୍ର ସେନାପତିଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡ଼ି କର୍ମୀ, ଅଙ୍ଗନୱାଡ଼ି ହେଲପର, ବ୍ଲକ ସଂଯୋଜକ, ଆଶା ଏବଂ ଏଏନ୍ଏମ୍ କର୍ମୀ ଉପସ୍ଥିତ ଥିଲେ।

# ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀ ପ୍ରତିନିଧିଙ୍କ ବୈଠକ

ଭୁବନେଶ୍ୱର, ୨୭/୦୯ (ନି.ପ୍ର): ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀର ପ୍ରତିନିଧିମାନେ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଏହି ବୈଠକରେ କୃଷକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନର ସୁବିଧା ନେଇ ଆଲୋଚନା କରିଥିଲେ । କୃଷି କ୍ଷେତ୍ରରେ ଜଳସେଚନ ଭଳି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି । ଏହି ମର୍ମରେ ରୟାଲ ଇଣ୍ଡିଆ କମ୍ପାନୀ ରାଜ୍ୟର କୃଷକମାନଙ୍କୁ ସୌରଚାଳିତ ପମ୍ପ ଦ୍ୱାରା ଜଳସେଚନ ସୁବିଧା ଯୋଗାଇବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ । ରୟାଲ ଇଣ୍ଡିଆ କମ୍ପାନୀ ଝାରଖଣ୍ଡ ଏବଂ ଅନ୍ୟ ରାଜ୍ୟମାନଙ୍କରେ ସୌରଚାଳିତ ପମ୍ପ ସାହାଯ୍ୟରେ ଜଳସେଚନ ସୁବିଧା ଯୋଗାଇ ଦେଉଛି । ସ୍ଥାନାନ୍ତରଯୋଗ୍ୟ ସୌରଚାଳିତ ପମ୍ପ ସାଧାରଣ ଚାଷୀଙ୍କ ବ୍ୟବହାର ନିମନ୍ତେ ଉପଯୋଗୀ ହେବ ଏବଂ ଏହା ବିଦ୍ୟୁତ ଶକ୍ତି ନିମନ୍ତେ ହେଉଥିବା ବ୍ୟୟଭାର ହ୍ରାସ କରିବ ବୋଲି ପ୍ରତିନିଧିମାନେ ପ୍ରକାଶ କରିଥିଲେ । କୂଅ, ପୋଖରୀ କିମ୍ବା ଅନ୍ୟକୌଣସି ଜଳଉତ୍ସକୁ ବ୍ୟବହାର କରିବାରେ ଏହା ସୌରଚାଳିତ ପମ୍ପ ବିଶେଷ ଭାବେ ଉପଯୋଗୀ ଏବଂ ଏହି ସେବା ପ୍ରଦାନ କରିବାକୁ କମ୍ପାନୀ ଆଗ୍ରହୀ ବୋଲି ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ ।

ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଏବଂ ଜଳସେଚନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ପ୍ରକାଶ କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କମ୍ପାନୀ ଯୋଗାଇ ଦେଉଥିବା ବିଭିନ୍ନ ବୈଷୟିକ ସେବା ବିଷୟରେ ଅବଗତ ହୋଇଥିଲେ ।

ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ୪ ଜିଲ୍ଲାକୁ ମିଳିଲା ସ୍ୱଚ୍ଛତା ପୁରସ୍କାର

ଭୁବନେଶ୍ୱର, ୨୭/୦୯ (ନି.ପ୍ର): ୪ ଜିଲ୍ଲାକୁ ମିଳିଲା ସ୍ୱଚ୍ଛତା ପୁରସ୍କାର । ଖୋର୍ଦ୍ଧା, ନୂଆପଡ଼ା, ସୁନ୍ଦରଗଡ଼, ପୁରୀ ୪ଟି ଜିଲ୍ଲାର ଜିଲ୍ଲାପାଳ ସ୍ୱଚ୍ଛତା ପୁରସ୍କାର – ୨୦୨୪ ଗ୍ରହଣ କରିଛନ୍ତି । ପୁରୀ ସତ୍ୟବାଦୀ ସ୍ଥିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ସି ଆର ପାଟିଲ ଯୋଗ ଦେଇ ସ୍ୱଚ୍ଛତା ପୁରସ୍କାର ପ୍ରଦାନ କରିଛନ୍ତି । ଜଳଶକ୍ତି ମନ୍ତ୍ରାଳୟର ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ ପକ୍ଷରୁ ସେପଟେମ୍ବର ୧୭ ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଜାରି ରହିଛି ସ୍ୱଚ୍ଛତା ହିଁ ସେବା ପକ୍ଷ । ପୁରୀ ସତ୍ୟବାଦୀ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଠାରେ ସ୍ୱଚ୍ଛତା ହିଁ ସେବା, ଏକ ବୃହତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଦିଗରେ କାମ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଅଛି ।ବିଶେଷକରି ସଫେଇ ମିତ୍ର ମାନଙ୍କୁ ସମ୍ମାନିତ କରିଛନ୍ତି ଜଳ ସମ୍ପଦ ମନ୍ତ୍ରୀ । ଅସ୍ତରଙ୍ଗରୁ ଭରତ ମଲ୍ଲିକ ,କୁନି ନାୟକ। ପୁରୀ ସଦରରୁ ଶଙ୍କର ପ୍ରଧାନ ଆଦିଙ୍କୁ ସଫେଇମିତ୍ର ଭାବରେ ସମ୍ମାନିତ କରାଯିବା ସହ ସ୍ୱଚ୍ଛତା କୀଟ୍ ପ୍ରଦାନ କରାଯାଇଛି। ସୁଆଣ୍ଡୋରେ ଅନୁଷ୍ଠିତ ଏକ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିଛନ୍ତି ମନ୍ତ୍ରୀ ସିଆର ପାଟିଲ। ନୂଆପଡ଼ା, ଖୋର୍ଦ୍ଧା, ସୁନ୍ଦରଗଡ଼ ଏହି ୪ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ୱଚ୍ଛତା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି।

ସ୍ୱଚ୍ଛ ଭାରତର ୧୦ ବର୍ଷ ପୂର୍ତ୍ତି ଅବସରରେ ଗ୍ରାମୀଣ ଓଡ଼ିଶାରେ ୨୩ହଜାର କାର୍ଯ୍ୟକ୍ରମ ମଧ୍ୟରୁ ପ୍ରାୟ ୧୦ ହଜାର କାର୍ଯ୍ୟକ୍ରମ ସଫଳତା ପୂର୍ବକ ସମ୍ପାଦିତ ହୋଇଛି । ବର୍ତ୍ତମାନ ୧୯ ଲକ୍ଷ ଲୋକ ଏହାର ଲାଭ ଉଠାଇଛନ୍ତି । ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି ନୂଆପଡ଼ା ଜିଲ୍ଲା। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ପୁରସ୍କାର ଗ୍ରହଣ କରିଛନ୍ତି । ଅଧିକ ଗ୍ରାମୀଣ ମଡେଲକୁ ସହରକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଖୋର୍ଦ୍ଧା ଜିଲ୍ଲା ସ୍ୱଚ୍ଛତା ପୁରସ୍କାର ହାତେଇଥିବା ବେଳେ ଜିଲ୍ଲାପାଳ ଚଂଚଳ ରାଣା ପୁରସ୍କାର ଗ୍ରହଣ କରିଛନ୍ତି । ସେହିପରି ବିଚ୍ କ୍ଲିନିଂ ଏବଂ ସଫେଇ କ୍ଷେତ୍ରରେ ପୁରୀ ଅଗ୍ରଣୀ ଭୂମିକା ନିଭାଇଥିବାରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୁରସ୍କାର ହାତେଇଛନ୍ତି । କଠିନ ବର୍ଜ୍ୟ ମ୍ୟାନେଜମେଂଟ କ୍ଷେତ୍ରରେ ଅନନ୍ୟ ଉଦାହରଣ ସୃଷ୍ଟି କରି ସୁନ୍ଦରଗଡ଼ ସ୍ୱଚ୍ଛତା ପୁରସ୍କାର ପାଇଥିବା ବେଳେ ଜିଲ୍ଲାପାଳ ମନୋଜ ମହାଜନ ପୁରସ୍କାର ଗ୍ରହଣ କରିଛନ୍ତି । ସେହିଭଳି ଏହି ୪ ଜିଲ୍ଲାର ୪ ଟି ପଂଚାୟତର ସରଂଚଙ୍କୁ ମଧ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱଚ୍ଛତା ପୁରସ୍କାର ଦିଆଯାଇଛି ।

# ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୩୯ତମ ବାର୍ଷିକ ସାଧାରଣ ଅଧିବେଶନ

ଭୁବନେଶ୍ୱର, ୨୭/୦୯ (ନି.ପ୍ର): ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୩୯ତମ ବାର୍ଷିକ ସାଧାରଣ ଅଧିବେଶନ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ଅଧିବେଶନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିବା ସହ ଖାଲି ପଡ଼ିଥିବା ପଦବୀ ପୂରଣ, ଲାବୋରେଟୋରୀଗୁଡ଼ିକର ଆଧୁନିକୀକରଣ ଓ ଅନ୍ୟାନ୍ୟ ଦାବି ଉପରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ । ରାଜ୍ୟରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ବୈଧମାପ ବିଜ୍ଞାନ ବିଭାଗକୁ ଅଧିକ କ୍ରିୟାଶୀଳ ହୋଇ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ଯାଂଚ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ ।

ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିୟନ୍ତ୍ରକ, ବୈଧମାପ ବିଜ୍ଞାନ ଶ୍ରୀ ସନ୍ତୋଷ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅଧିବେଶନରେ ରାଜ୍ୟର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ । ମଂଚାସୀନ ଅତିଥି ଭାବେ ଅତିରିକ୍ତ ନିୟନ୍ତ୍ରକ ଶ୍ରୀ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ଶ୍ରୀ ହରିଶଙ୍କର ପଟ୍ଟନାୟକ ଉପସ୍ଥିତ ସଭ୍ୟମାନଙ୍କୁ ଅଧିକ କାର୍ଯ୍ୟଦକ୍ଷତାର ସହ କର୍ତ୍ତବ୍ୟ ସଂପାଦନ ପାଇଁ ପରାମର୍ଶ ଦେଇଥିଲେ । ସଂଘର ସଭାନେତ୍ରୀ ଶ୍ରୀମତୀ ସାଗରିକା ସାବତ୍ ଏବଂ ସାଧାରଣ ସଂପାଦକ ଶ୍ରୀ ରାଜକିଶୋର ମଲ୍ଲିକ ମନ୍ତ୍ରୀଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଉପନିୟନ୍ତ୍ରକ ଶ୍ରୀ ପ୍ରିୟବ୍ରତ ଜେନା ମଂଚ ପରିଚାଳନା କରିଥିଲେ ।

ସଂଘର ପୂର୍ବତନ ସଭାପତି ଶ୍ରୀ ରବିନ୍ଦ୍ର କୁମାର ମହାପାତ୍ର ତଥା ପୂର୍ବତନ ସାଧାରଣ ସଂପାଦକ ଶ୍ରୀ ପ୍ରଦୋଷ ହରିଚନ୍ଦନ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅଧିବେଶନକୁ ସଫଳ କରିବାରେ ଶ୍ରୀ ଉତ୍କଳ କେଶରୀ ମହାନ୍ତି ଓ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳିତ

କେନ୍ଦୁଝର, ୨୭/୦୯ (ନି.ପ୍ର): ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, କେନ୍ଦୁଝର ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲଠାରେ କେନ୍ଦୁଝର ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳନ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମିତା ନାଏକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପ୍ରବୀର କୁମାର ଦେଓ, ଗୋକୁଳ ପ୍ରଧାନ ଓ ଡାକ୍ତର ନୀଳମ ମହାନ୍ତି ଉପସ୍ଥିତ ଥିଲେ । ସୂଚନାଥାଉକି ସେପ୍ଟେମ୍ବର ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋଷଣ ମାସ ପାଳନ କରାଯାଉଛି ଏବଂ ଜିଲ୍ଲାର ସମସ୍ତ ସ୍ଥାନରେ ଯେପରି କୌଣସି ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା, କିଶୋରୀ କିମ୍ବା ଶିଶୁ କୁ-ପୋଷଣର ଶିକାର ନ ହୁଅନ୍ତି , ସେଥିପାଇଁ ବିଶେଷ ଯତ୍ନ ନିଆଯାଉଛ। ଉତମ ପୋଷଣ - ସୁସ୍ଥ ଜୀବନ ପ୍ରସଙ୍ଗକୁ ଭିତି କରି ଆଜିର ଏହି କାର୍ଯ୍ୟକ୍ରମରେ କୁପୋଷଣ ଯୋଗୁଁ ହେଉଥିବା ରକ୍ତହୀନତା, ଏହାର ପ୍ରଭାବ, ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଂଚଳିକ ତଥା ମିଲେଟ୍ ବା କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ୍ କରିବା, ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ୍ ହେବା ବାବଦରେ ବିଷଦ ଆଲୋଚନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ, ଜିଲ୍ଲାର ସମସ୍ତ ସିଡିପିଓ, ଅଙ୍ଗନବାଡି କର୍ମୀଙ୍କ ସମତେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା ମାନେ ଉପସ୍ଥିତ ଥିଲେ।

# ୧୦ ଦଫା ଦାବି ନେଇ ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

ଜୟପୁର, ୨୭/୦୯ (ନି.ପ୍ର): ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଲେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ । ଚଳିତ ମାସ ୨୧ ତାରିଖରେ ସଂଘ ପକ୍ଷରୁ ସମସ୍ତ ମେଡିକାଲରେ ଗଣ ଧାରଣା ଦିଆଯାଇଥିଲା । ହେଲେ ତାହାର ସୁଫଳ ନମିଳିବାରୁ ଗୁରୁବାର ଜୟପୁର ସ୍ଥିତି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନର୍ସିଂ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ପୂର୍ବରୁ ପ୍ରଦାନ କରାଯାଇଥିବା ୧୦ ଦଫା ଦାବିପତ୍ର ଗୁଡିକ ମଧ୍ୟରେ, ୧୨ ନଭେମ୍ବର ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କର ଛଅ ବର୍ଷ ଚୁକ୍ତିଭିତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଦିଆଯାଉ, ଯୋଗ୍ୟ ନର୍ସିଂ ଅଫିସରମାନଙ୍କୁ ବରିଷ୍ଠତା ଭିତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି ଦିଆଯାଉ, ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ସ୍ଥିରୀକୃତ ଅବଧିକୁ କମ୍ କରି ୧୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରମାନଙ୍କର ଏକ ସମୟରେ ଦୁଇଟା ପଦୋନ୍ନତି ଦିଆଯାଉ, ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ହୋଇଥିବା ସରକାରୀ ନର୍ସିଂଅଫିସରମାନଙ୍କୁ ସିଏଚ୍?ଓ ପଦବୀରୁ ଫେରାଇ ଆଣି କ୍ୟାଡର ପୋଷ୍ଟରେ ବିଭିନ୍ନ ସରକାରୀ ହସ୍ପିଟାଲ ଗୁଡିକରେ ନର୍ସିଂ ସେବାଯୋଗାଇ ଦେବା ନିମନ୍ତେ ପଦକ୍ଷେପ ନିଆଯାଉ ଏବଂ ଅନ୍ୟ ରାଜ୍ୟ ଗୁଡିକରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏନଏଚଏମ୍ ଅଧିନରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେନୂତନ ସିଏଚ୍?ଓମାନଙ୍କୁ ନିଯୁକ୍ତି ଦିଆଯାଉ ।ଏମଏଚ୍ୟୁ/ଆରବିଏସ୍କେ ଅଧୀନରେ ଦୀର୍ଘ ୧୧ ବର୍ଷ ଧରି କାର୍ଯ୍ୟ କରୁଥିବା ନର୍ସିଂ ଅଫିସରମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିୟମିତ କରାଯାଉ ବୋଲି ଦାବି କରାଯାଇଥିବା ବେଳେ ନିୟମିତ ହୋଇନଥିବା ଅବଶିଷ୍ଟ ନର୍ସିଂଅଫିସରମାନଙ୍କୁ ତୁରନ୍ତ ନିୟମିତକରାଯାଉ, ନର୍ସ ଅଫିସରମାନଙ୍କର ଡ୍ରେସ କୋଡ ପରିବର୍ତ୍ତନ କରାଯିବା ସହିତ ନର୍ସିଂ ସେବା କ୍ୟାଡରରେ ଥିବା ପ୍ରଶାସନିକ ପଦବୀରେ ଡ୍ରେସ୍ କୋଡର ପରିବର୍ତନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା । ଏହି ଦାବିଗୁଡିକୁ ପୂରଣ ନ ହେବାରୁ ଆଜି ନର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସଂଘର ସଭାପତି ପ୍ରେମଲତା ମହାରଣା, ସରୁପ ନାୟକ, କବିତା ବୌରାଗି, କଳ୍ପନା ସେଠି, ରଶ୍ମି ରାଣି ସେନାପତିଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି ।

# ଗୁଲନଗର ପଂଚାୟତରେ ଉଦ୍‌ଘାଟିତ ହେଲା ନିଶୁଳ୍କ ଫିଜିଓଥେରାପି

କେନ୍ଦ୍ରାପଡ଼ା, ୨୭/୦୯ (ନି.ପ୍ର): ବର୍ତମାନ ବରିଷ୍ଠ ନାଗରିକ ହେଉ କିମ୍ବା ସାଧାରଣ ଲୋକମାନେ ହୁଅନ୍ତୁ ବିଭିନ୍ନ ପ୍ରକାର ରୋଗରେ ପିଡିତ ହେଉଛନ୍ତି । ବିଷେଶ କରି ପିଟି ଓ ଅଂଟା ଯନ୍ତ୍ରଣା, ମାଂସପେଶୀ ଜନିତ ଯନ୍ତ୍ରଣା, ସ୍ନାୟୁଗତ ସମସ୍ୟା, ପକ୍ଷଘାତ, ଗଣ୍ଠି ବ୍ୟଥା କିମ୍ବା ଲିଗାମେଂଟ ସମସ୍ୟା ଦେଖାଯାଉଛି । ଏହାକୁ ଲକ୍ଷ୍ୟକରି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଂଚାୟତର ରାମନଗର ପାଟଣା ଠାରେ ନିୟୁ ହୋପ ଫିଜିଓ ଥେରାପି କେନ୍ଦ୍ର ଡା. ପ୍ରତାପ ରଞ୍ଜନ ନାୟକଙ୍କ ଉଦ୍ୟମରେ ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଫିତା କାଟି ଉଦ୍‌ଘାଟନ କରିଛନ୍ତି । ଡା. ନାୟକ କହିଛନ୍ତି ଯେ ମୁ ଗ୍ରାମାଂଚଳ ଲୋକଙ୍କ ସେବା ପାଇଁ ଫିଜିଓଥେରାପି ଡାକ୍ତର ହୋଇଛି । ଆଖପାଖ ଅଂଚଳରେ ଏହି ସୁବିଧା ମିଳୁନାହିଁ । ତେଣୁ ମୋର ନିଜ ଗୁଲନଗର ପଂଚାୟତରେ ଏହାକୁ ଖୋଲିଛି । ଏହି ସପ୍ତାହରେ ସମସ୍ତଙ୍କ ପାଇଁ ମାଗଣାରେ ଚିକିତ୍ସା କରାଯିବ ଓ ଏହା ପରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗରିବ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଚିକିତ୍ସା କରାଯିବ । ଏହା ସବୁଦିନ ସକାଳ ସମୟ ୬ଟା୩୦ରୁ ୯.୩୦ ଓ ସନ୍ଧ୍ୟା ୬.୩୦ରୁ ୮.୩୦ ମଧ୍ୟରେ ଚିକିତ୍ସା କରାଯିବ । ଆଜି ପ୍ରଥମେ ବିଧାୟକ ଶ୍ରୀ ବେହେରାଙ୍କ ମେରୁଦଣ୍ଡ ଯନ୍ତ୍ରଣା ହେଉଥିବାରୁ ଚିକିତ୍ସା କରାଯାଇଥିଲା ।

# ଭକ୍ତକବି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ

ଜୟପୁର, ୨୭/୦୯ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭାଗବତ ଚିରନ୍ତନ ମୂଲ୍ୟବୋଧର ପରିଚାୟକ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ଭକ୍ତକବି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଚକ୍ରଧର ତ୍ରିପାଠୀ ପୌରୋହିତ୍ୟ କରିଥିଲାବେଳେ ବକ୍ତାଭାବେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ର, ଭୁବନେଶ୍ୱରର ଅଧ୍ୟକ୍ଷ ପ୍ର. ବସନ୍ତ କୁମାର ପଣ୍ଡା ଓ ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଆଦିକବି ସାରଳା ଦାସ ଚେୟାର ପ୍ରଫେସର ଡ. ଉଦୟନାଥ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଥିଲେ ପ୍ର. ନରସିଂହ ଚରଣ ପଣ୍ଡା। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଅଧ୍ୟାପକ ଡ. ରଘୁନାଥ ଓଝା ମଂଚ ପରିଚାଳନା କରିଥିଲା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ଡ. ରୁଦ୍ରାଣୀ ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ପ୍ର. ବସନ୍ତ ପଣ୍ଡା ସନ୍ଥକବି ଜଗନ୍ନାଥ ଦାସଙ୍କ ଆବିର୍ଭାବ ଓ ସାଧନା ବିଷୟ ଉପସ୍ଥାପନ କରିଥିଲେ। ତାଙ୍କର ମହାଭାବ ଅନୁଭବ ପୂର୍ବକ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରଦ୍ଧା ଓ ସମ୍ମାନ ଜଣାଇ ତାଙ୍କୁ ଅତିବଡୀ ଆଖ୍ୟା ଦେଇଥିଲେ, ତେଣୁ ସମଗ୍ର ଭାରତବର୍ଷର ଆଧ୍ୟାତ୍ମିକ କ୍ଷେତ୍ରରେ ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠା ବିସ୍ତାରିତ ହୋଇଥିଲା। ପ୍ର. ଉଦୟନାଥ ସାହୁ କହିଲେ ବିଦ୍ୟା ଭାଗବତ ଅବଧି। ଅର୍ଥାତ୍ ପରମ ଶାସ୍ତ୍ର ଭଗବତ। କବି ଗଡ଼ନାୟକ ଉକ୍ତି ଉଦ୍ଧାର କରି ସେ କହିଥିଲେ, ଯମଦୂତ ଆସିଲାବେଳେ ଭାଗବତ ପଢ଼ାଯାଏ, କାରଣ ଯମ ପରାସ୍ତ ହୁଏ ବୋଲି ଓଡ଼ିଆ ଜାତିର ବିଶ୍ୱାସ। ଭାଗବତ ଓଡ଼ିଆ ଜାତିର ଆଧ୍ୟାତ୍ମିକ ସଂସ୍କୃତିର ପ୍ରତୀକ। ସଭାପତି ଅଭିଷଣ ପ୍ରଦାନ କରି କୁଳପତି ପ୍ର. ତ୍ରିପାଠୀ କହିଥିଲେ, ବିଦ୍ୟାର୍ଥୀମାନେ ଭାଗବତ ସ୍ୱାଧ୍ୟାୟ କଲେ ସେମାନଙ୍କ ଚରିତ୍ରର ବିକାଶ ସହ ବିଦ୍ୟାର ବିକାଶ ହେବ। କାରଣ ଭାଗବତର ଭାଷା ଓଡ଼ିଆ ଶିଷ୍ଟାଚାରର ଭାଷା ଓ ଜ୍ଞାନର ଗନ୍ତାଘର। ସମ୍ମାନିତ ଅତିଥି ପ୍ର. ପଣ୍ଡା କହିଥିଲେ ଜଗତର କଲ୍ୟାଣ ପାଇଁ ଭାଗବତର ବକ୍ତବ୍ୟ ପରିପାଳନୀୟ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ପ୍ରଫେସର ଓ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର ଘୋଷିତ: ବିଭିନ୍ନ ବର୍ଗରେ ସମ୍ବର୍ଦ୍ଧିତ ହେବେ ୧୬ ଜଣ ବୈଜ୍ଞାନିକ

ଭୁବନେଶ୍ୱର, ୨୭/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପୁରସ୍କାର ତାଲିକା ପ୍ରକାଶ ପାଇଛି । ଏଥିରେ ୫ଟି ବର୍ଗରେ ୧୬ ଜଣ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯିବ । କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ବାୟୋ ଟେକ୍ନୋଲୋଜିର ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବୈଜ୍ଞାନିକ ଉତ୍କର୍ଷ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ । ସେହିପରି କଟକସ୍ଥିତ ଆଇସିଏର୍ଆ-ଏନ୍ଆର୍ଆଇର ପ୍ରମୁଖ ବୈଜ୍ଞାନିକ ଡ. ସଂଘମିତ୍ରା ସାମନ୍ତରାୟଙ୍କୁ ଜୀବ ବିଜ୍ଞାନ, ଜଟଣୀସ୍ଥିତ ନାଇଜରର ପ୍ରଫେସର ବେଦାଙ୍ଗଦାସ ମହାନ୍ତିଙ୍କୁ ଭୌତିକ ବିଜ୍ଞାନ, ନିଟ୍ ରାଉରକେଲାର ପ୍ରଫେସର ସୁବ୍ରତ କୁମାର ପଣ୍ଡାଙ୍କୁ ଯାନ୍ତ୍ରିକ ଓ ପ୍ରାଦ୍ୟୋଗିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'ରେ ସମ୍ମାନିତ କରାଯିବ । ଏଥିସହ ରାଜ୍ୟ ବାହାରେ କାର୍ଯ୍ୟରତ ପିଜିଆଇଏମ୍ଇର୍ଆ, ଚଣ୍ଡୀଗଡ଼ର ପ୍ରଫେସର ପିନାକୀ ଦତ୍ତଙ୍କୁ ଲାଇଫ୍ ସାଇନ୍ସ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯିବ । ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲ୍, କଟକର ସହକାରୀ ପ୍ରଫେସର ଡ. ସରିତା ଶେଖର ପଟ୍ଟନାୟକ, ରିଜିଓନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଅପ୍ରମିତା ଚାନ୍ଦ, ଏନ୍ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ. ରାଜେଶ କୁମାର ପୃଷ୍ଟିଙ୍କୁ ଯୁବବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ । ସେହିଭଳି ରାଜ୍ୟ ବାହାରେ କାର୍ଯ୍ୟରତ ଶ୍ରେଣୀରେ ଜାତୀୟ ବୈଷୟିକ ପ୍ରତିଷ୍ଠାନ, ୱାରଙ୍ଗଲ ସହକାରୀ ପ୍ରଫେସର ଡଃ ସଞ୍ଜୟ କୁମାର ପଣ୍ଡାଙ୍କୁ ମଧ ଓଡିଶା ଯୁବ ବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ । ଏଥି ସହ ରବିନ୍ଦନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ଯଥାକ୍ରମେ ସାଧାରଣ ଓ ଶିଶୁ ବର୍ଗରେ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ପ୍ରଦାନ କରାଯିବ। ଏହା ବ୍ୟତୀତ ଡ. ରାଜା କିଶୋର ପରମଗୁରୁ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି, ପ୍ରଫେସର ଡ. ଆଁ. ଭୀମା ରାଓ ଓ ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ମଧ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯିବ । ଉପରୋକ୍ତ ବୈଜ୍ଞାନିକମାନଙ୍କୁ ନିକଟ ଭବିଷ୍ୟତରେ ଏକ ରାଜ୍ୟସ୍ତରୀୟ ସମାରୋହରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସଂଘର ଦାବିପତ୍ର

କେନ୍ଦ୍ରାପଡ଼ା, ୨୭/୦୯ (ନି.ପ୍ର): ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସହ ବନ୍ଧିତ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ତରଫରୁ ଜାତୀୟ ପ୍ରତିବାଦ ଦିବସ ପାଳନ କରିବା ସହିତ ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ଦାବିପତ୍ର ସଭାପତି ସୁଶାନ୍ତ କୁମାର ନାୟକ, ସଂପାଦକ ଭାଗିରଥୀ ମହାନ୍ତିଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ଆଉଟ ସୋରସିଂ, ଠିକା, ଅସ୍ଥାୟୀ କର୍ମଚାରୀଙ୍କୁ ବିନା କଟକଣା ରେ ସ୍ଥାୟୀ କରିବା, ଖାଲି ପଡିଥିବା କର୍ମଚାରୀ ପଦ ପୁରଣ କରିବା, ଘରୋଇ କରଣ ବନ୍ଦ କରିବା, ଜାତୀୟ ଶିକ୍ଷା ନୀତିକୁ ପ୍ରତ୍ୟାଖାନ କରିବା, ସାଂପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା, ଆୟକର ଛାଡ ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସମସ୍ତ କର୍ମଚାରୀ ପେନଶନ ଭଗୋଗୀ ଏବଂ ଚୁକ୍ତି ଭିତିକ କର୍ମଚାରୀଙ୍କୁ ନଗଦ ବିହୀନ ଚିକିତ୍ସା ଓ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ କୈଳାସ ଦାସ, ରମକୃଷ୍ଣ ମହାପାତ୍ର, ସେକ ଅବଦୁଲ ରସିଦ୍, ନିରଞ୍ଜନ ବେହେରା, ସଂଜୟ କୁମାର ମାଟି, ମହେଶ୍ୱର ସାହୁ, ବୈଷ୍ଣବ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସଂସ୍କୃତ ପରିଷଦ ବଲାଙ୍ଗୀରର ମାସିକ ଅଧିବେଶନ

ବଲାଙ୍ଗୀର, ୨୭/୦୯ (ନି.ପ୍ର): ସମ୍ପାଦକ ଆଇନଜିବୀ ଜୟରାମ ମିଶ୍ରଙ୍କ ଆହ୍ୱାନ କ୍ରମେ ନୃସିଂହ ମନ୍ଦିର ପରିସରରେ ମାସିକ ଅଧିବେଶନ ଡ.ଦୈତାରୀ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବରେ ପ୍ରବକ୍ତା ବଂଶୀଧର ଦାନୀ ଭାରତୀୟ ସଂସ୍କୃତି, ପରମ୍ପରା ତଥା ସାମାଜିକ ମୂଲ୍ୟବୋଧକୁ ଆଧାର କରି ବକ୍ତବ୍ୟ ପ୍ରଦାନ କରିଥିଲେ। ସାଂପ୍ରତିକ ଯୁବ ଗୋଷ୍ଠୀ ସଂସ୍କୃତି ନାମରେ ଅପସଂସ୍କୃତିରେ ଲିପ୍ତ ରହି ଧାର୍ମିକ ଭାବନା ଓ ବିକାଶ କ୍ଷେତ୍ରରୁ ଦୂରେଇ ରହିବା କ୍ଷୋଭର ବିଷୟ ବୋଲି କହିଥିଲେ। ଶିଶୁ ବିକାଶ ସମିତିର ସଭାପତି ମଦନ ମୋହନ ରଥ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇ ଏହି କାଳଜୟୀ ସଂସ୍କୃତି କିପରି ଉଜ୍ଜୀବିତ ହେବ ଓ ପୁନର୍ବାର ସନାତନ ଧର୍ମ ତଥା ଜଗନ୍ନାଥ ସଂସ୍କୃତି ର ପ୍ରସାର ହେବ ସେ ନିମନ୍ତେ ଦିଗଦର୍ଶନ ଦେଇଥିଲେ।

# ଆପଣ ଚନ୍ଦା ହୋଇଯାଉଛନ୍ତି କି... ଆଜିଠାରୁ ଖାଉନ୍ତୁ ଏହି ୬ଟି ପନିପରିବା

ସେ ପୁରୁଷ ହୁଅନ୍ତୁ କି ମହିଳା ସମସ୍ତଙ୍କ ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରେ ଚୁଟି। ଚୁଟିକୁ ମଧ୍ୟ ସମସ୍ତେ ଷ୍ଟାଇଲ୍ କରିବାକୁ ପସନ୍ଦ କରନ୍ତି। ଆଜିକାଲି ପ୍ରାୟ ସମସ୍ତେ ଚୁଟି ସମସ୍ୟା ଦେଇ ଗତି କରୁଛନ୍ତି। କାହାର କମ୍ ବୟସରେ ଚୁଟି ପାଚିଯାଉଛି ତ ଆଉ କାହାର ଚୁଟି ପତଳା ହୋଇ ଛିଡୁଛି, ପୁଣି କାହାର ଚୁଟି ଉପୁଡୁଛି। ଏହି ସମସ୍ୟା ଭୋଗୁଥିବା ଲୋକେ ପ୍ରାୟ ଚିନ୍ତାରେ ରୁହନ୍ତି।

ଆପଣ ଯଦି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଆଜିଠାରୁ ଚିନ୍ତା ଛାଡିଦିଅନ୍ତୁ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ କେତେକ ଜରୁରୀ ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରନ୍ତୁ। ଏହିସବୁ ପନିପରିବାରେ ଥିବା ବାୟୋଟିନ୍, ଆଇରନ୍, ଭିଟାମିନ୍ ଏ, ଓମେଗା ଫ୍ୟାଟି ଏସିଡ୍ ଆପଣଙ୍କ ଚୁଟିକୁ ରକ୍ଷା କରିପାରିବ।

ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଯାୟୀ, ଯେତେବେଳେ ଶରୀରରେ ଭିଟାମିନ୍ ଇ ୧୨, ଭିଟାମିନ୍ ଡ, ବାୟୋଟିନ୍, ରିବୋଫ୍ଲାଭିନ୍, ଆଇରନ୍ ଇତ୍ୟାଦିର ଅଭାବ ଦେଖାଯାଏ, ଏହା ଚୁଟିର ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ଉପରେ ଶୀଘ୍ର ପ୍ରଭାବ ପକାଇଥାଏ। ଯଦି ଆପଣ ଏହିସବୁ ଜିନିଷରେ ଭରପୂର ଖାଦ୍ୟ ବିଶେଷକରି ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେବେ, ତେବେ ଏହା ଆପଣ ସ୍ୱାସ୍ଥ୍ୟ ରକ୍ଷାରେ ସାହାଯ୍ୟ କରିବ। ଆସନ୍ତୁ ସେମିତି କିଛି ପରିବା ବିଷୟରେ ଜାଣିନେବା।




**ପାଳଙ୍ଗ:**
ପାଳଙ୍ଗ ହେଉଛି ଏମିରି ଏକ ସବୁଜ ପତ୍ରଯୁକ୍ତ ପନିପରିବା ଯେଉଁଥିରେ ପ୍ରଚୁର ପରିମାଣର ଫୋଲେଟ୍, ଆଇରନ୍, ଭିଟାମିନ୍ ଇ, ଡ ଏବଂ ଅନେକ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ରହିଛି। ଯଦି ଆପଣ ପ୍ରତିଦିନ ଏକ କପ୍ ସ୍ପାଇନାଚ୍ ଖାଆନ୍ତି, ତେବେ ଏହା ଶରୀରରେ ଥିବା ଅଭାବକୁ ଦୂର କରି କେଶକୁ ଶକ୍ତିଶାଳୀ ଏବଂ ସୁସ୍ଥ କରିପାରେ।

**କନ୍ଦମୂଳ:**
କନ୍ଦମୂଳକୁ ବିଟା କାରୋଟିନର ସବୁଠାରୁ ବଡ ଉତ୍ସ କୁହାଯାଇପାରେ। ଏଥିରେ ଏତେ ପରିମାଣର ଭିଟାମିନ୍ ଇ ଥାଏ ଯେ ଏହା ହିଁ କେବଳ ଚୁଟିର ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରେ। ଯଦି ଆପଣ ପ୍ରତିଦିନ ୧୧୪ ଗ୍ରାମ କନ୍ଦମୂଳ ଖାଆନ୍ତି, ତେବେ ଏହା ଖୁବ ଶୀଘ୍ର କାମ ଆରମ୍ଭ କରିପାରେ।




**କ୍ୟାପ୍ସିକମ୍:**
କ୍ୟାପ୍ସିକମ୍ ଶିମ୍ଲା ଲଙ୍କା କୁହାଯାଏ, ଚୁଟିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍ ଡ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ମିଳିଥାଏ, ଯାହା ଚୁଟିକୁ ଶୀଘ୍ର ବୃଦ୍ଧିକରେ।

**ବିନ୍ସ:**
ବିନ୍ସରେ ପ୍ରୋଟିନ୍ ପ୍ରଚୁର ପରିମାଣରେ ମିଳିଥାଏ। ଚୁଟିର ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ନିଜ ଚୁଟିକୁ ମୋଟା ଏବଂ ଘନ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ଅତି କମରେ ୧୦୦ ଗ୍ରାମ ବିନ୍ସ ଖାଆନ୍ତୁ।




**ଟମାଟୋର:**
ଟମାଟୋରରେ ଭିଟାମିନ୍ ଇ ଏବଂ ଭିଟାମିନ୍ ଡ ମଧ୍ୟ ପ୍ରଚୁର ପରିମାଣରେ ରହିଥାଏ, ଯାହା ସେବମ୍ ଉତ୍ପାଦନକୁ ବଢାଇଥାଏ ଏବଂ ଖପୁରୀ ଶୁଷ୍କ ହେବାକୁ ରୋକିଥାଏ। ଏହା ଭିଟାମିନ୍ ଡ କୋଲେଜେନ୍ ବୃଦ୍ଧି କରି ଚୁଟିକୁ ଶକ୍ତି ଦେଇଥାଏ । ଏହି ଉପାୟରେ, ଆପଣ ଏହି ପନିପରିବାକୁ ଆପଣଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରି ମଳିନତାକୁ ଏଡାଇ ପାରିବେ।

**ରସୁଣ:**
ଚୁଟିର ବିକାଶରେ ରସୁଣ ମଧ୍ୟ ବହୁତ ସାହାଯ୍ୟକରେ। ଏହା ଶରୀରରେ ଭିଟାମିନ୍ ଇ୬ ଏବଂ ଉ ର ଅଭାବକୁ ଦୂର କରେ। ଏଥିରେ ଆଣ୍ଟିଫଙ୍ଗାଲ୍ ଗୁଣ ଅଛି ଯାହା ଚୁଟିକୁ ସଂକ୍ରମଣରୁ ରକ୍ଷା କରିଥାଏ। ଏହା ବ୍ୟତୀତ ଏଥିରେ ଥିବା କାରୋଟିନ୍ କୋଷଗୁଡ଼ିକ ବୃଦ୍ଧିରେ ସାହାଯ୍ୟ କରେ।

# ଚିନି ଶିଶୁର ଯନ୍ତ୍ରଣା କମାଏ



ଆପଣ ହୁଏତ ଶୁଣିଥାଇ ପାରନ୍ତି କୌଣସି ଶିଶୁ କାନ୍ଦୁଥିବା ବେଳେ ଆଇମା' କୁହନ୍ତି ତାକୁ ଟିକେ ଚିନି ଦେଇଦିଅ କନ୍ଦ ବନ୍ଦ ହୋଇଯିବ । ବର୍ତ୍ତମାନ କାନାଡାର ବିଶେଷଜ୍ଞମାନେ କହିଛନ୍ତି ଯେ, କୌଣସି ଇଞ୍ଜେକସନ ନେବା ପୂର୍ବରୁ ଶିଶୁଟିକୁ ଯଦି ଏକ ଚାମଚ ଚିନି କିମ୍ବା ଚିନି ମିଶ୍ରିତ ପାଣି ଦିଆଯାଏ ତେବେ ଶିଶୁଟିର କାନ୍ଦ କମ୍ ହୁଏ । ପ୍ରାୟ ୨୦୦୦ ରୁ ଅଧିକ ଶିଶୁଙ୍କୁ ନେଇ ଦୀର୍ଘ ୧ ବର୍ଷ ଧରି ବିଶେଷଜ୍ଞମାନେ ୧୪ଟି ପରୀକ୍ଷା କରିଥିଲେ । ଏଥିରୁ ସେମାନେ ଜାଣିବାକୁ ପାଇଥିଲେ ଯେ, ଶିଶୁଟିକୁ ଯଦି ଗ୍ଲୁକୋଜ ମିଶ୍ରିତ ପାଣି ବା ଚିନି ପାଣି ଦିଆଯାଏ ତେବେ ତାହାର କନ୍ଦ ୨୦ ପ୍ରତିଶତ ହ୍ରାସ ପାଇଥାଏ । ଟରଣ୍ଟୋ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଗବେଷକ ଡଃ ଆର୍ଣ୍ଣ ଓଲସନଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ କହିଛନ୍ତି ଯେ, ଶିଶୁଟି ଯଦି ଅଧ ଚାମଚ ଚିନି କିମ୍ବା ଗ୍ଲୁକୋଜ ଦିଆଯାଏ ତେବେ ଏହାର କାନ୍ଦ ପରିମାଣ ହ୍ରାସ ପାଇଥାଏ । ଅଷ୍ଟ୍ରେଲିଆ ଓ ବ୍ରାଜିଲର ବିଶେଷଜ୍ଞଙ୍କ ସହଯୋଗରେ ହୋଇଥିବା ଏହି ଗବେଷଣାରୁ ଜଣାପଡିଛି ଯେ, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଶିଶୁଙ୍କ କୌଣସି ଇଞ୍ଜେକସନ ବା ଟିକା ଦେବା ପୂର୍ବରୁ ଏବଂ ଦେବା ସମୟରେ ଚିନି କିମ୍ବା ଗ୍ଲୁକୋଜର ମାତ୍ରା ଦେବା ଉପରେ ବିଚାର କରିବା ଉଚିତ । ଚିନିରେ ଶିଶୁର ଯନ୍ତ୍ରଣା ନିବାରକ ଉପାଦାନ କରିଥିବାରୁ ଶିଶୁକୁ ଦେବା ଦ୍ୱର ଶିଶୁଟି କାନ୍ଦ କମ କରିଥାଏ । ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟର ଶିଶୁ ରୋଗ ବିଶେଷଜ୍ଞ ଆଦାମ ଫିନ୍ କହିଛନ୍ତି ଶିଶୁଟିକୁ ଇଞ୍ଜେକସନ ଦେବା ବେଳେ ତାହା ଯେଭଳି କମ୍ ଯନ୍ତ୍ରଣା ଦେବ ସେ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ । ଚିନି ହେଉ ବା ଗ୍ଲୁକୋଜ ଏହାକୁ ପରେ ଅଧିକ ଗବେଷଣା କରାଯିବା ଉଚିତ । ସାଧାରଣତଃ ଅଧିକାଂଶ ସମୟରେ ପିଲାମାନେ ଇଞ୍ଜେକସନ ଦେବାକୁ ଭୟ କରନ୍ତି କିମ୍ବା ନେବା ବେଳେ କାନ୍ଦିଥାନ୍ତି । ତେଣୁ ଇଞ୍ଜେକସନ ଯେତେକମ୍ ଯନ୍ତ୍ରଣା ଦାୟକ ହେବ ସେତେ ଭଲ । ତେବେ ଶିଶୁଟି ଉପରେ ଚିନି କି ପ୍ରକର ପ୍ରଭାବ ପକଉଛି, ଯେଉଁଥି ପାଇଁ କି ଶିଶୁଟି କମ୍ କାନ୍ଦୁଛି ତାହା ସବିଶେଷ ଭାବେ କିଛି ଜଣାପଡିନାହିଁ । ତେଣୁ ଏହା ଉପରେ ଅଧିକ ଗବେଷଣା ହେବା ଉଚିତ । ଏ ସଂକ୍ରାନ୍ତ ଗବେଷଣା ହେବା ଉଚିତ । ଏ ସଂକ୍ରାନ୍ତ ଗବେଷଣା ତଥ୍ୟ 'ଆର୍କାଇଭ୍ସ ଅଫ ଡିଜିଜ୍ ଇନ୍ ଚାଇଲ୍ଡହୁଡ' ଜର୍ଣ୍ଣାଲରେ ପ୍ରକାଶ ପାଇଛି ।

# ଶିବଲିଙ୍ଗ ଉପରେ କିପରି ଚଢେଇବେ ବେଲପତ୍ର

## ମହାଶିବରାତ୍ରୀରେ ଆପଣ ନିଶ୍ଚିତ ଶିବଲିଙ୍ଗରେ ବେଲପତ୍ର ଚଢେଇବେ। ଏହା ପୂର୍ବରୁ ଜାଣି ନେବା ଜରୁରୀ ଯେ ବେଲପତ୍ର କିପରି ଛିଡାଯାଏ ଓ ଶିବଲିଙ୍ଗରେ କିପରି ଚଢାଯାଏ। ଜାଣନ୍ତୁ ଏହାର ଫାଇଦା କ'ଣ..

ମହାଶିବରାତ୍ରୀ ଭଗବାନ ଶିବଙ୍କର ପବିତ୍ର ଦିନ। ଶିବ ଶଙ୍କରଙ୍କ ପୂଜା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଲା ବେଲପତ୍ର। ଏହା ବିନା ଭଗବାନ ଶିବଙ୍କ ଉପାସନା ଅସମ୍ପୂର୍ଣ୍ଣ ବୋଲି ଧରାଯାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ ଶିବଙ୍କ ଠାରେ ବେଲପତ୍ର ଚଢେଇବା ଦ୍ୱାରା ଭଗବାନ ପ୍ରସନ୍ନ ହେବା ସହ ତାଙ୍କ ମୁଣ୍ଡ ଥଣ୍ଡା ହୋଇଥାଏ। ଶିବପୁରାଣରେ ବେଲପତ୍ରର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି। କୁହାଯାଇଛି ଯେ ଯେଉଁ ବ୍ୟକ୍ତି ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ ତାଙ୍କୁ ୧ କୋଟି କନ୍ୟାଦାନର ସମାନ ପୁଣ୍ୟ ପ୍ରାପ୍ତ ହେବ। ତେବେ ଆସନ୍ତୁ ବେଲପତ୍ର ଅର୍ପଣର ନିୟମ, ବେଲପତ୍ର ଛିଣ୍ଡେଇବା ନିୟମ ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା।

**ଶିବଲିଙ୍ଗରେ ବେଲପତ୍ର ଚଢେଇବାର ଧାର୍ମିକ ଭାବନା:**
ବିଶ୍ୱାର ରହିଛି ଯେ ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବା ଦ୍ୱାରା ଦାରିଦ୍ର୍ୟ ଦୂର ହୁଏ ଏବଂ ଧନ ବୃଦ୍ଧି ହୁଏ। ଯେଉଁ ମହିଳାମାନେ ଶିବ ପୂଜା ସମୟରେ ବେଲପତ୍ର ପ୍ରଦାନ କରନ୍ତି, ସେମାନେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି। ବେଲପତ୍ର ଉପରେ ଚନ୍ଦନରେ ରାମ କିମ୍ବା ଓମ୍ ନମଃ ଶିବାୟ ଲେଖି ଶିବଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ। ଭଗବାନ ଭୋଲେନାଥଙ୍କୁ ବେଲପତ୍ର ଅର୍ପଣ କଲେ ସଙ୍କଟ ଦୂର ହୁଏ ଏବଂ ସ୍ୱାସ୍ଥ୍ୟ ଭଲ ରହେ। ଯେଉଁମାନଙ୍କ ଘରେ ବେଲ ଗଛ ଥାଏ ସେମାନେ ପାପରୁ ମୁକ୍ତ ହୁଅନ୍ତି, ଏହି ଗଛ ମୂଳରେ ପୂଜାପଠ କରିବା ଦ୍ୱାରା ଶୁଭ ଫଳ ମିଳିଥାଏ।

**ବେଲପତ୍ର ଅର୍ପଣର ନିୟମ:**
ଭଗବାନ ଶିବଙ୍କୁ ସର୍ବଦା କେବଳ ତିନି-ପତ୍ର ବିଶିଷ୍ଟ ବେଲପତ୍ର ଅର୍ପଣ କରନ୍ତୁ। କଟା-ଫଟା, ଦାଗ ଥିବା ବା ଶୁଖିଲା ବେଲପତ୍ର ଶିବଲିଙ୍ଗରେ ଚଢାନ୍ତୁ ନାହିଁ। ବେଲପତ୍ରକୁ ବିଶୁଦ୍ଧ ପାଣିରେ ଧୋଇବା ପରେ ଏହାକୁ ଶିବଲିଙ୍ଗ ଉପରେ ଚଢାନ୍ତୁ। ପତ୍ରର ଚିକ୍କଣିଆ ଭାଗକୁ ତଳମୁହାଁ କରି ଓ ଖଦଡ ଭାଗକୁ ଉପରମୁହାଁ କରି ରଖନ୍ତୁ। ପୂଜା ସମୟରେ ଯଦି ଆପଣଙ୍କ ପାଖରେ ବେଲପତ୍ର ନାହିଁ, ତେବେ ପୂର୍ବରୁ ଚଢାଯାଇଥିବା ବେଲପତ୍ରକୁ ଆଣି ବିଶୁଦ୍ଧ ପାଣିରେ ଧୋଇ ପୁନର୍ବାର ଶିବଙ୍କୁ ଅର୍ପଣ କରିପାରିବେ। ବେଲପତ୍ର କେବେବି ବାସି ହୋଇ ନଥାଏ। ଭଗବାନ ଶିବଙ୍କୁ ଅତି କମରେ ଗୋଟୋଏ ବେଲପତ୍ର ଦିଆଯାଇପାରେ। ଏହାଛଡା ୧୧,୨୧ ସଂଖ୍ୟା ଅନୁସାରେ ବେଲପତ୍ର ମଧ୍ୟ ପ୍ରଦାନ କରାଯାଏ।

**ବେଲପତ୍ର ଛିଣ୍ଡେଇବାର ନିୟମ:**
ବେଲପତ୍ର ଛୁଣ୍ଡେଇବା ପୂର୍ବରୁ ଭଗବାନ ଶିବଙ୍କୁ ସ୍ମରଣ କର। ଏହାକୁ ଛିଣ୍ଡେଇବା ପରେ ଗଛକୁ ନମସ୍କାର କର। ବେଲପତ୍ରର ପୁରା ଶାଖା ଭାଙ୍ଗିବା ଉଚିତ ନୁହେଁ। ଚତୁର୍ଥୀ, ଅଷ୍ଟମୀ, ନବମୀ ତିଥି, ପ୍ରଦୋଷ ବ୍ରତ, ଶିବରାତ୍ରୀ, ଅମାବାସ୍ୟା ଏବଂ ସୋମବାରରେ ବେଲପତ୍ର ଛିଣ୍ଡେଇବା ଉଚିତ ନୁହେଁ। ଯେତେବେଳେ ଗୋଟିଏ ତିଥି ଶେଷହୁଏ ଏବଂ ଅନ୍ୟ ଏକ ତିଥି ଆରମ୍ଭ ହୁଏ, ସେତେବେଳେ ମଧ୍ୟ ବେଲପତ୍ର ଛିଣ୍ଡେଇବା ଉଚିତ ନୁହେଁ।



# ଘର ପାର୍ଶ୍ୱରେ ହସ୍ପିଟାଲ୍ ଥିଲେ ସାଂଘାତିକ: ଜାଣନ୍ତୁ କ'ଣ ହୁଏ କ୍ଷତି

ଯଦି ଭୂମିର ପୂର୍ବ କିମ୍ବା ଉତ୍ତର ଦିଗ ଉଚ୍ଚଥାଏ ଏବଂ ଅନ୍ୟ ଦିଗ ନିଚ୍ଚା ହୋଇଥାଏ ତେବେ ଗୃହକର୍ତ୍ତାଙ୍କର ଅହିତ ହୋଇଥାଏ। ସବୁବେଳେ ଭୂମି କ୍ରୟ କଲାବେଳେ ଦେଖିବେ ଭୂମି ପାର୍ଶ୍ୱରେ ଯେପରି ମଶାଣି ନ ଥିବ। କାରଣ ମଶାଣି ଥିଲେ ଏହି ସ୍ଥାନର ନେଗେଟିଭ୍ ଏନର୍ଜି ବହୁତ ମାତ୍ରାରେ ଗୃହବାସୀଙ୍କ ଉପରେ ପଡିଥାଏ। ଯେକୌଣସି ନିର୍ମାଣ ପାଇଁ ଭୂଖଣ୍ଡର ପ୍ରୟୋଜନ ଅଛି। ଏହା ସମତଳ ଥିଲେ ବହୁତ ଭଲ। ଯଦି ପଶ୍ଚିମ କିମ୍ବା ଦକ୍ଷିଣ ଦିଗଟି ଅନ୍ୟ ଦିଗ ଅପେକ୍ଷା ଉଚ୍ଚ ଥିବ ତେବେ ଏହାକୁ ଅତ୍ୟନ୍ତ ଶୁଭ କୁହାଯାଏ। ଏଭଳି ସ୍ଥାନରେ ଗୃହ ନିର୍ମାଣ କଲେ ଗୃହକର୍ତ୍ତାଙ୍କର ଅନେକ ଶୁଭ ହୋଇଥାଏ। ଯଦି ଭୂମିର ପୂର୍ବ କିମ୍ବା ଉତ୍ତର ଦିଗ ଉଚ୍ଚଥାଏ ଏବଂ ଅନ୍ୟ ଦିଗ ନିଚ୍ଚା ହୋଇଥାଏ ତେବେ ଗୃହକର୍ତ୍ତାଙ୍କର ଅହିତ ହୋଇଥାଏ। ସବୁବେଳେ ଭୂମି କ୍ରୟ କଲାବେଳେ ଦେଖିବେ ଭୂମି ପାର୍ଶ୍ୱରେ ଯେପରି ମଶାଣି ନ ଥିବ। କାରଣ ମଶାଣି ଥିଲେ ଏହି ସ୍ଥାନର ନେଗେଟିଭ୍ ଏନର୍ଜି ବହୁତ ମାତ୍ରାରେ ଗୃହବାସୀଙ୍କ ଉପରେ ପଡିଥାଏ। ଅନେକ ଘର ଗୁଡିକରେ ବହୁତଗୁଡିଏ ଆଶ୍ଚର୍ଯ୍ୟଜନକ ଘଟଣା ଦେଖାଯାଏ କାରଣ କେବଳ ମଶାଣିର ନେଗେଟିଭ୍ ଏନର୍ଜିର ପ୍ରଭାବରୁ ଏହିପରି ହୋଇଥାଏ। ଯଦି ମଶାଣି ପାଖରେ ଥାଏ ତେବେ ବାସ୍ତୁବିତ୍ଙ୍କ ପରାମର୍ଶ ନେଇ ଗୃହରେ ପ୍ରତିକାର କରିବା କଥା।

ଭୂମି ପାର୍ଶ୍ୱରେ ଅତ୍ୟଧିକ ଶବ୍ଦ ହେଉଥିବା ସ୍ଥାନ ଯେମିତି କମାରଶାଳ, ବଢ଼େଇଶାଳ, କଳକାରଖାନା ଆଦି ଥିବା ଦ୍ୱାରା ମଧ୍ୟ ବାସ୍ତୁଦୋଷ ଉତ୍ପନ୍ନ ହୋଇଥାଏ କାରଣ




ସବୁବେଳେ ଅତ୍ୟଧିକ ଶବ୍ଦ ହେବା ଦ୍ୱାରା ଏହା ଗୃହବାସୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ, ଫଳରେ ଗୃହରେ ଶାନ୍ତି ବଦଳରେ ଅଶାନ୍ତି ଦେଖାଯାଏ। ଯଦି ଗୃହ ପାର୍ଶ୍ୱରେ ଏହି ଅତ୍ୟଧିକ ଶବ୍ଦ ଉତ୍ପନ୍ନ ହେଉଥାଏ ତେବେ ଗୃହକୁ ପ୍ରବେଶ କରିବ ନାହିଁ ଗୃହ ପାର୍ଶ୍ୱରେ ଦୁର୍ଗନ୍ଧ ଯୁକ୍ତ ସ୍ଥାନ, ଅଳିଆ ଆବର୍ଜନା ଜମା ହେଉଥିବା ସ୍ଥାନ ନ ଥିବା ଭଲ। ଏହିପରି ଦୁର୍ଗନ୍ଧ ଯୁକ୍ତ ସ୍ଥାନ ଥିଲେ ବାୟୁ ପ୍ରବାହରେ ଏହି ଦୁର୍ଗନ୍ଧ ଗୃହ ମଧ୍ୟକୁ ପ୍ରବେଶ କରିଥାଏ ଫଳରେ ଗୃହ ମଧ୍ୟରେ ଗୋଟେ ନକରାତ୍ମକ ପ୍ରଭାବ ପଡିଥାଏ। ଗୃହ ମଧ୍ୟରେ ସବୁବେଳେ ଅଶାନ୍ତି ଲାଗି ରହିଥାଏ। ଦୁର୍ଗନ୍ଧ କାରଣରୁ ଶାନ୍ତିରେ ପୂଜାପାଠ କରିହୁଏ ନାହିଁ। ପିଲାମାନଙ୍କର ପାଠପଢାରେ ମନ ଲାଗେ ନାହିଁ। ରନ୍ଧା ଯାଉଥିବା ଖାଦ୍ୟ ପଦାର୍ଥ ଉପରେ ଏହି ଦୁର୍ଗନ୍ଧର ପ୍ରଭାବ ପଡିବା ଦ୍ୱାରା ଏହି ଖାଦ୍ୟ ଖାଇବା ଦ୍ୱାରା ଦେହ ଖରାପ ହୋଇଥାଏ। ଯାହାଦ୍ୱାରା ଗୃହବାସୀମାନେ ସବୁବେଳେ ଗୋଟେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ଶାରୀରିକ ଦୁଃଖ କଷ୍ଟ ଭୋଗିଥାନ୍ତି। ଗୃହ ପାର୍ଶ୍ୱରେ ବଡ ବଡ ହସ୍ପିଟାଲ୍ ଥିଲେ ଗୃହ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ କାରଣ ବିଭିନ୍ନ ପ୍ରକାର ରୋଗ ସଂକ୍ରମଣକାରୀ ଜୀବାଣୁ ପରିବେଶରେ ଥିବା ଦ୍ୱାରା ପାଖରେ ଥିବା ଗୃହ ଉପରେ ଏହାର ପ୍ରଭାବ ପଡିଥାଏ। ଏଣୁ ଗୃହ ନିର୍ମାଣ କଲାବେଳେ ଗୃହ ଭିତରେ ବାସ୍ତୁ ଯେତିକି ଗୁରୁତ୍ୱପୂର୍ଣ୍ଣ ଗୃହ ପାର୍ଶ୍ୱର ପରିବେଶ ମଧ୍ୟ ସେମିତି ଗୁରୁତ୍ୱପୂର୍ଣ୍ଣ, ଯାହାର ସକରାତ୍ମକ କିମ୍ବା ନକରାତ୍ମକ ପ୍ରଭାବ ସିଧାସଳଖ ଗୃହ ଉପରେ ପଡିଥାଏ। ଏଣୁ ଗୃହନିର୍ମାଣ ବେଳେ ଯଥା ସମ୍ଭବ ବାସ୍ତୁର ପ୍ରତ୍ୟେକ ଦିଗ ପ୍ରତି ଯତ୍ନର ସହିତ ଧ୍ୟାନ ଦେଇ ଗୃହନିର୍ମାଣ କଲେ ସୁଖ ଶାନ୍ତି ମିଳିଥାଏ।

# ସମାଜ ସେବା ଦୀର୍ଘାୟୁ ପ୍ରଦାନ କରେ

ଯେଉଁ କାର୍ଯ୍ୟ ମନରେ ଶାନ୍ତି ଓ ସକରାତ୍ମକ ଭାବନା ସଞ୍ଚାର କରେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଏକଥା ଏବେ ପ୍ରମାଣିତ ହୋଇଛି। ୟୁନିଭରସିଟଇ ଅଫ ମିଚିଗାନର ବିଶେଷଜ୍ଞ ମାର୍କ ମ୍ୟୁସିକ ତଥା ତାଙ୍କର ସହଯୋଗୀ ଗବେଷକ ନିଜର ଏକ ରିସର୍ଚ୍ଚ ବେଳେ ଜାଣିବାକୁ ପାଇଛନ୍ତି ଯେ, ଯେଉଁ ବ୍ୟକ୍ତି ସମାଜସେବା କିମ୍ବା ସାମାଜିକ ସହଯୋଗ ତଥା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରନ୍ତି, ସେମାନେ ଦୀର୍ଘାୟୁ ଲାଭ କରନ୍ତି।

ଏହି ଗବେଷଣାର ୬୫ ବର୍ଷରୁ ଅଧିକ ବୟସର ୧୨୧୧ଜଣ ବ୍ୟକ୍ତିଙ୍କର ଦୈନନ୍ଦିନ କାର୍ଯ୍ୟ ଓ ସାମାଜିକ ସମ୍ପର୍କ ଆଦି ବିଷୟରେ ଅନୁଧ୍ୟାନ କରାଯାଇଥିଲା। ରିସର୍ଚ୍ଚରୁ ଜଣାପଡ଼ିଥିଲା ଯେ, ଏହି ବ୍ୟକ୍ତିମାନେ ନିୟମିତ ଭାବରେ ନିଜର କିଛି ସମୟ ସମାଜସେବା ପାଇଁ କୌଣସି ସାମାଜିକ ପ୍ରତିଷ୍ଠାନ, କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ମାଧ୍ୟମରେ ଅଥବା ସ୍ୱେଚ୍ଛାସେବୀ ଭାବରେ ଚାରିଟେବଲ ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ଏମାନେ ପୂର୍ଣ୍ଣ ରୂପେ ସୁସ୍ଥ ଅଛନ୍ତି। ଏମାନେ ମଧୁମେହ ଓ ମାନସିକ ରୋଗ ତଥା ହୃଦରୋଗ ଆଦି ବିଭିନ୍ନ ବ୍ୟାଧିରୁ ସମ୍ପୂର୍ଣ୍ଣ ମୁକ୍ତ ଅଛନ୍ତି।

# ବୟସ ବଢାଏ ମୃଦୁ ପାନୀୟ

ମୃଦୁ ପାନୀୟ କମ୍ ବ୍ୟବହାର କଲେ ଶରୀର ଉପରେ ଏହାର କୌଣସି କୁପ୍ରଭାବ ପଡେନାହିଁ। ମାତ୍ର ଅଧିକ ବ୍ୟବହାର ବୟସ ପ୍ରକ୍ରିୟା ବଢାଇବା ସହିତ ଅସମୟରେ ବାର୍ଦ୍ଧକ୍ୟ ଆଣେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ହାର୍ଭାର୍ଡ ବିଶ୍ୱବିଦ୍ୟାଳେୟର ଏକ ବିଶେଷଜ୍ଞ ଦଳ କହିଛନ୍ତି ମୃଦୁ ପାନୀୟକୁ ସ୍ୱାଦଯୁକ୍ତ କରିବା ପାଇଁ ଏଥିରେ ଫସ୍ଫେଟ ମିଶାଯାଇଛି। ଏହି ଫସ୍ଫେଟ ଶରୀରର ଚର୍ମ ଓ ମାଂଶପେଶୀ ଉପରେ ପ୍ରଭାବ ପକାଇ ବୟସ ବୃଦ୍ଧି ପ୍ରକିୟ ତ୍ୱରାନ୍ୱିତ କରିଥାଏ। ଏପରି କି ଏହା ହୃତ୍ପିଣ୍ଡ ଓ କିଡ୍ନୀ ଖରାପ କରିଥାଏ ବୋଲି ବିଶେଷଜ୍ଞଙ୍କ ଉକ୍ତିକୁ ଉଦ୍ଧାର କରି 'ଡେଲି ମେଲ୍' ପ୍ରକାଶ କରିଛି। ବୈଜ୍ଞାନିକଙ୍କ କହିବାନୁଯାୟୀ ମୂଷା ଉପରେ ପରୀକ୍ଷା ଦ୍ୱାରା ଏହି ତଥ୍ୟ ସଂଗ୍ରହ କରାଯାଇଛି। କେତେକ ମୂଷାକୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରାଯାଇ ସେମାନଙ୍କ ଭିନ୍ନ ଭିନ୍ନ ମାତ୍ରାରେ ଫସଫେଟ ଦିଆଯାଇ ସେମାନଙ୍କ ଶାରୀରିକ ପ୍ରତିଫଳନକୁ ଲକ୍ଷ୍ୟ କରାଯାଇଥିଲା। ପ୍ରାୟ ୮-୧୫ ସପ୍ତାହ ପରେ ଦେଖାଗଲା ଯେ, ଯେଉଁମାନଙ୍କୁ କମ୍ ପରିମାଣର ଫସଫେଟ ଦିଆଯାଇଛି ସେମାନଙ୍କ ଶରୀରରେ କୌଣସି ଲକ୍ଷଣ ଦେଖାଯାଇ ନ ଥିବା ବେଳେ ସାମାନ୍ୟ ଅଧିକ ଦିଆଯାଇଥିବା ମୂଷାଙ୍କ ଶାରୀରିକ ଅଭିବୃଦ୍ଧି ଘଟିଥିବା ଜଣାପଡିଥିଲା। ତେବେ ଯେଉଁମାନଙ୍କୁ ଅଧିକମାତ୍ରାରେ ଫସଫେଟ ଦିଆଯାଇଥିଲା ସେମାନେ ୧୫ ସପ୍ତାହ ଭିତରେ ମରିଯାଇଥିଲେ। ଏଥିରୁ ଜଣାପଡିଲା ଯେ, ଫସଫେଟଯୁକ୍ତ ଖାଦ୍ୟରେ ବିଷ ରହିଛି। ତେଣୁ ଏହାର ଅଧିକ ବ୍ୟବହାର ଶରୀର ପାଇଁ ହାନିକର ହେବ। ତଥାପି ମଣିଷ ସୁସ୍ଥ ଓ ଦୀର୍ଘ ବର୍ଷ ବଞ୍ଚିବା ପାଇଁ ଆହାରରେ ଫସଫେଟ ନିହାତି ଦରକାର। କିନ୍ତୁ ଏହାଠାରୁ ଅଧିକ ବ୍ୟବହାର ମଣିଷକୁ ସୁସ୍ଥ ବଦଳରେ ଅସୁସ୍ଥ କରି ପକାଇବ। ସେଥିପ୍ରତି ସତର୍କ ରହିବାକୁ ବୈଜ୍ଞାନିକମାନେ ସତର୍କ କରାଇଦେଇଛନ୍ତି। ଏହି ଗବେଷଣାଲବ୍ଧ ତଥ୍ୟ ରିସର୍ଚ୍ଚ ଜର୍ଣ୍ଣାଲ 'ଫାସେବ'ରେ ପ୍ରକାଶ ପାଇଛି। ଗବେଷଣାରେ ସାମିଲ ଜଣେ ପ୍ରମୁଖ ବୈଜ୍ଞାନିକ ଜେରାଲ୍ଡ ଓ୍ୱିଜମ୍ୟାନଙ୍କ କହିବାନୁଯାୟୀ ସୋଡା ପାନୀୟ ବିଶ୍ୱର ବହୁ କୋଟି ଲୋକଙ୍କ ପ୍ରିୟ ଭାବେ ପରିଚିତ। କିନ୍ତୁ ଏହାର ଶରୀର ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଖୁବ୍ କମ୍ ଲୋକ ଅବଗତ ଅଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅହିଂସା ବାର୍ତ୍ତା...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିନିଦିନିଆ ଆମେରିକା ଗସ୍ତ ବିଶ୍ୱ ପାଇଁ ଏତେ ଚର୍ଚ୍ଚିତ ହୋଇ ନ ଥା'ନ୍ତା ଯଦି ସେ ସେଠାରେ ଚଳିତ ଥର 'କ୍ୱାଡ୍' ଶିଖର ସମ୍ମିଳନୀରେ ଯୋଗ ଦେଇ ଅହିଂସାର ମନ୍ତ୍ର ଉଚ୍ଚାରଣ କରି ନଥା'ନ୍ତେ। ସେହିଭଳି 'କ୍ୱାଡ୍' ଶିଖର ସମ୍ମିଳନୀ ମଧ୍ୟ ଏକ ଚିରାଚରିତ ବୈଠକରେ ପରିଣତ ହୋଇଯାଇଥା'ନ୍ତା ଯଦି ସେଠାରୁ ଏହି ବାର୍ତ୍ତା ମିଳି ନଥା'ନ୍ତା ଯେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଉପରେ ଲଗାମ ଲାଗିବା ଦରକାର। ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟକୁ ପ୍ରତିହତ କରିବା ଲକ୍ଷ୍ୟରେ ଭାରତ, ଆମେରିକା, ଜାପାନ୍ ଓ ଅଷ୍ଟ୍ରେଲିଆକୁ ନେଇ ଚତୁଃରାଷ୍ଟ୍ରୀୟ ମେଣ୍ଟ 'କ୍ୱାଡ୍' ଗଠନ ହୋଇଛି। ଯଦିଓ ଏହା ସାମରିକ ମେଣ୍ଟ ଭାବେ ଘୋଷଣା ହୋଇନାହିଁ, ତଥାପି ଏହାର ମୂଳ ଉଦ୍ଦେଶ୍ୟ ଯେ ଚୀନ୍ ବିରୋଧୀ ଏହା ଆଉ ଅଛପା ନାହିଁ। ତେଣୁ 'କ୍ୱାଡ୍' ବୈଠକକୁ ଚୀନ୍ ସବୁବେଳେ ସନ୍ଦେହୀ ଦୃଷ୍ଟିରେ ଦେଖି ଆସୁଛି ଏବଂ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁଛି। ବିଶେଷକରି ପ୍ରତିବେଶୀ ଭାରତ ଉପରେ ଚୀନ୍‌ର ଈର୍ଷା ଓ ଅସୂୟା ଅଧିକ। ଏହି ଦ୍ୱନ୍ଦ୍ୱକୁ ହଟାଇବାକୁ ଯାଇ ଏଥର ନରେନ୍ଦ୍ର ମୋଦୀ 'କ୍ୱାଡ୍' ବୈଠକରୁ ଏକ ବାର୍ତ୍ତା ଦେଇଛନ୍ତି ଯେ 'କ୍ୱାଡ୍' କାହା ବିପକ୍ଷରେ ନୁହେଁ, ବରଂ ସହାୟତା, ସହଭାଗିତା ଓ ସମର୍ଥନ ଏହାର ମୂଳମନ୍ତ୍ର। ନରେନ୍ଦ୍ର ମୋଦୀଙ୍କ ଏହି ସନ୍ଦେଶ ଅଭ୍ୟାସଗତ ବିଶୃଙ୍ଖଳ ଚୀନ୍ ପାଇଁ କିଛିଟା ଗୁରୁତ୍ୱ ବହନ କରିଥା'ନ୍ତା, ଯଦି ଆମେରିକା ଭାରତକୁ ସମର୍ଥନ କରିଥା'ନ୍ତା। କିନ୍ତୁ ବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚୀନ୍‌କୁ ପରୋକ୍ଷ ଚେତାବନୀ ଦେଇ କହିଛନ୍ତି ଯେ ଚୀନ୍ ଅର୍ଥନୀତି ଓ ବୈଷୟିକ ଜ୍ଞାନକୌଶଳରେ ସେମାନଙ୍କର, ବିଶେଷକରି ଆମେରିକାର ଧୈର୍ଯ୍ୟର ପରୀକ୍ଷା ନେଉଛି। ଚୀନ ଯେଉଁ କୂଟନୈତିକ ଚାଲ ଖେଳୁଛି ସେଥିରେ ବିରାମ ଲାଗିବା ଦରକାର। ଚୀନ୍‌କୁ ପରୋକ୍ଷରେ 'କ୍ୱାଡ୍' ନେତାମାନେ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି, ସୁରକ୍ଷା, ନିରାପତ୍ତା, ସମୃଦ୍ଧି, ସ୍ଥିରତା, ସମାବେଶୀ ବିକାଶକୁ ଅଗ୍ରାଧିକାର ଦିଆଯିବ। ଜାତିସଂଘ ଦ୍ୱାରା ପ୍ରଣୀତ 'ପାରାବାର ନୀତି'କୁ ସମସ୍ତେ ସମ୍ମାନ ଜଣାଇବା ଉଚିତ। ବିଶେଷକରି ପୂର୍ବ-ସାଗର ଓ ଦକ୍ଷିଣ-ଚୀନ୍ ସାଗରରେ ସାର୍ବଭୌମ ଅଧିକାର କ୍ଷୁଣ୍ଣ ହେଉଥିବା ଦୃଷ୍ଟିରୁ ଏହା ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହା କାହା ଉଦ୍ଦେଶ୍ୟରେ ଇଙ୍ଗିତ ତାହା ଚୀନ୍ ପାଇଁ ଆଉ ଅବୁଝା ହୋଇ ରହିନାହିଁ। ଗତ କିଛିବର୍ଷ ଧରି ଚୀନର ବିସ୍ତାରବାଦୀ ସାମରିକ ଓ କୂଟନୀତି ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅନେକ ଅସ୍ଥିରତା ସୃଷ୍ଟି କରିଛି। ଦକ୍ଷିଣ-ଚୀନ୍-ସାଗର ଅଞ୍ଚଳରେ ଚୀନ୍ ଏକ କୃତ୍ରିମ ଦ୍ୱୀପ ସୃଷ୍ଟି କରି ଏବଂ ସେଠାରେ ଏକ ସାମୁଦ୍ରିକ ଯୁଦ୍ଧ ଜାହାଜ ଘାଟି ପ୍ରତିଷ୍ଠା କରି ଭାରତ ମହାସାଗର ଅଞ୍ଚଳରେ ଅଶାନ୍ତ ପରିବେଶ ସୃଷ୍ଟି କରିଛି। ଜାପାନ, ଅଷ୍ଟ୍ରେଲିଆ, ଫିଲିପାଇନ୍‌ସ, ଇଣ୍ଡୋନେସିଆ, ଭିଏତନାମ ଓ ଭାରତ ଏଥିନିମନ୍ତେ ଉଦ୍‌ବେଗ ପ୍ରକାଶ କରିସାରିଛନ୍ତି। ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ସମେତ ପ୍ରାୟ ୧୭ଟି ଦେଶ ସହିତ ଚୀନ୍‌ର ସୀମା ବିବାଦ ରହିଛି କିମ୍ବା କୂଟନୈତିକ ତିକ୍ତତା ସୃଷ୍ଟି ହୋଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିଶ୍ୱର ଦୁଇ-ତୃତୀୟାଂଶ ଲୋକ ବାସ କରନ୍ତି। ଏବେ ଏହି ଅଞ୍ଚଳ ବିଶ୍ୱର ଶିଳ୍ପ, ଅର୍ଥନୀତି, ବାଣିଜ୍ୟ ଓ ପୁଞ୍ଜିନିବେଶର ପେଣ୍ଠ ପାଲଟିଛି। ତେଣୁ ଉଭୟ ଚୀନ୍ ଓ ଆମେରିକା ଏହି ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମରତ। ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଆମେରିକା ନେତୃତ୍ୱରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସମୃଦ୍ଧି ମଞ୍ଚ (ଆଇପିଇଏଫ୍) ଗଠନ ପାଇଁ ଟୋକିଓରେ ଏକ ଐତିହାସିକ ଚୁକ୍ତି ଗତବର୍ଷ ସ୍ୱାକ୍ଷରିତ ହେବା ପରେ ଚୀନ୍ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇଥିଲା। ତାଇୱାନକୁ ଆମେରିକା ଜାତୀୟ ପ୍ରତିନିଧି ସଭାର ବାଚସ୍ପତି ନାନ୍‌ସି ପେଲୋସିଙ୍କ ସରକାରୀ ଗସ୍ତ ପରେ ଚୀନ୍ ଆହୁରି ଉଗ୍ରମୁଖା ହୋଇଥିଲା। ଏହି ପୃଷ୍ଠଭୂମିରେ ଚୀନ୍‌କୁ ପରୋକ୍ଷ ଧମକ ଦେବାର ସୁଯୋଗକୁ ବାଇଡେନ୍ ହାତଛଡ଼ା କରିନାହାନ୍ତି। ସଦ୍ୟ ସମାପ୍ତ କ୍ୱାଡ୍ ବୈଠକରୁ ଏକ ଗୁରୁତ୍ୱପୂର୍ଣ୍ଣ ବିରୋଧାଭାସ ଦେଖିବାକୁ ମିଳିଛି। ସାମରିକ କୂଟନୀତିରେ ବିଶ୍ୱାସ କରୁଥିବା ଆମେରିକା ଚିରାଚରିତ ଶୈଳୀରେ ଚୀନ୍ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱୀମୂଳକ ଆଭିମୁଖ୍ୟ ପୋଷଣ କରିଛି, ଯାହା ସେହି ଅଞ୍ଚଳରେ ଯୁଦ୍ଧ ଓ ଅସ୍ଥିରତାକୁ ଆହୁରି ସଘନ କରିବ। ଅପରପକ୍ଷରେ ଭାରତର ଶାନ୍ତି ଓ ଅହିଂସା ଆଦର୍ଶର ଯଥାର୍ଥ ଉପସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହା ହିଁ ଭାରତକୁ ବିଶ୍ୱଠାରୁ ଭିନ୍ନ କରି ପ୍ରଦର୍ଶନ କରିବାର ସୁସ୍ଥ ଓ ସମୃଦ୍ଧ ସଂସ୍କୃତି ଏବଂ ବିଶ୍ୱ ପାଇଁ ଉଦାହରଣୀୟ ଓ ଅନୁକରଣୀୟ ପରମ୍ପରା ସୃଷ୍ଟି କରିଛି। ଅହିଂସାର ମନ୍ତ୍ରସ୍ରଷ୍ଟା ଭାରତ ସବୁବେଳେ ଗୋଷ୍ଠୀ ନିରପେକ୍ଷତା ଓ ଶାନ୍ତିକୁ ସମ୍ମାନ ଦେଇଛି ଏବଂ ସୌହାର୍ଦ୍ଦ୍ୟକୁ ଆଧାର କରି ସ୍ୱାଧୀନତାର ୭୮ ବର୍ଷର ପଥ ଅତିକ୍ରମ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଭାରତ କହି ଆସୁଛି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ। ଭାରତର ଏହି ସ୍ୱରରେ ଏବେ ମଧ୍ୟ ପରିବର୍ତ୍ତନ ହୋଇନାହିଁ, ଯାହା 'କ୍ୱାଡ୍'ରୁ ପୁଣି ଥରେ ପ୍ରତିଧ୍ୱନିତ ହୋଇଛି।

# ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ଦ୍ୱାର ଫିଟା ନୀତି



### ଭୋଳାନାଥ ସାହୁ



ଆନନ୍ଦକନ୍ଦ, ଶଚିଦାନନ୍ଦ, ଚିନ୍ମୟଘନ, ଅମୃତମୟ, ଅଶରଣର ଶରଣ, କୋଟି କୈବଲ୍ୟନାଥ, କୋଟି କୋଟି ଓଡ଼ିଆଙ୍କ ଜୀବନଧନ, ଜଗତର ନାଥ ଶ୍ରୀ ଜଗନ୍ନାଥ। ଶ୍ରୀକ୍ଷେତ୍ର ପୁରୀ ଧାମର ଶ୍ରୀମନ୍ଦିରରେ ସେ ପୂଜିତ। ଚକା ଚକା ଆଖିରେ ସମଗ୍ର ଜଗତକୁ ଦେଖନ୍ତି। ହାତ ବଢ଼େଇ ଶ୍ରଦ୍ଧାଳୁ ଭକ୍ତଙ୍କୁ କୋଳେଇ ନିଅନ୍ତି। ସେ ଭାବର ଠାକୁର। ତାଙ୍କ ଭାବର ଡ଼ୋରି ନଲାଗିଲେ ତାଙ୍କ ପାଖକୁ ଯିବା ଅସମ୍ଭବ। ମାତ୍ର ସମର୍ପଣ ଭାବ ନେଇ ତାଙ୍କୁ ଡ଼ାକିଲେ ସେ ଭକ୍ତର ମନବାଂଛା ପୂର୍ଣ୍ଣ କରିଥାନ୍ତି। ଭକ୍ତ ସାଲବେଗ, ଦାସିଆ ବାଉରି, ବନ୍ଧୁ ମହାନ୍ତି ପ୍ରଭୃତି ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଆମ ବାପା ଜେଜେବାପା ଅମଳରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କୁ ଚାଲି ଚାଲି ଅଥବା ଶଗଡ଼ ଗାଡ଼ିରେ ମାଇଲ ମାଇଲ ବିପଦ ସଂକୁଳ ପଥ ଅତିକ୍ରମ କରିବାକୁ ପଡୁଥିଲା। ତଥାପି ସେମାନେ ନିବୃତ ହୋଇନଥିଲେ। ସମାଜରେ ପ୍ରବାଦଟିଏ ଥିଲା – 'ଯିଏ ଯାଏ ପୁରୀ, ସେ ନଆସେ ଆଉ ଫେରି।' ସମୟ ଏବେ ବଦଳି ଯାଇଛି। ଯାନବାହନ ଓ ରାସ୍ତାଘାଟର ଉନ୍ନତି ହୋଇଛି। ଆଜି ଅତ୍ର – ତତ୍ର – ସର୍ବତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠିତ ହୋଇଛି। ଭକ୍ତ ଟିକିଏ ଅଶ୍ୱସ୍ତି ଲାଭ କରିଛି। ଜଗନ୍ନାଥ ମନ୍ଦିରଟିଏ ପ୍ରତିଷ୍ଠା କରିଦେବା ବଡ଼କଥା ନୁହେଁ; ବରଂ ଏହାର ନୀତିକାନ୍ତି ପାଳନ ପୂର୍ବକ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ଏ ଜାତିର ଗର୍ବ ଓ ଗୌରବ। ଯାହାଙ୍କର ସଂସ୍କୃତି ଓ ପରମ୍ପରା ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଭାବରେ ପରିଚିତ। ମାତ୍ର ଏବେ ଶ୍ରୀ ଜଗନ୍ନାଥ କେବଳ ଓଡ଼ିଶା ପ୍ରଦେଶର ହୋଇ ରହି ନାହାଁନ୍ତି; ସମଗ୍ର ଭାରତବର୍ଷ ଏପରିକି ବିଶ୍ୱ ଦରବାରରେ ମଧ୍ୟ ପୂଜିତ ଏବଂ ବନ୍ଦିତ। ବିଶ୍ୱର ଯେକୌଣସି ମନ୍ଦିରକୁ ଯାଆନ୍ତୁ ଦେଖିବେ ସେ ମନ୍ଦିରର ଦିଅଁ ପ୍ରସ୍ତର କିମ୍ବା ଧାତୁରେ ନିର୍ମିତ। ମାତ୍ର ଜଗନ୍ନାଥ ମନ୍ଦିରର ଦିଅଁ ଦାରୁରେ ନିର୍ମିତ। ତେଣୁ ଶ୍ରୀଜଗନ୍ନାଥ ଦାରୁ ଦିଅଁ ଭାବରେ ସୁପରିଚିତ। ସେ ଦାରୁ ବ୍ରହ୍ମ। ସେ ନିରାକାର। ସେ ଆଦି ସେ ଅନନ୍ତ। ସେ ଭାବଗ୍ରାହୀ, ସେ ଅନ୍ତର୍ଯ୍ୟାମୀ। ସେ ହେଉଛନ୍ତି ବିଶ୍ୱର ଏକମାତ୍ର ଠାକୁର ଯିଏ ପତିତଜନଙ୍କ ଉଦ୍ଧାର ନିମନ୍ତେ ବିଳାସମୟ ରତ୍ନସିଂହାସନ ଛାଡ଼ି ଧୂଳି ଧୂସରିତ ବଡ଼ଦାଣ୍ଡକୁ ଓହଲାଇ ଆସନ୍ତି। ଯାହା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ନାମରେ କ୍ଷ୍ୟାତ। ସେ ମହାନ। ସେ ବଡ଼ ଠାକୁର। ତାଙ୍କ ପାଇଁ ସବୁ ବଡ଼ର ବ୍ୟବସ୍ଥା। ଯଥା ବଡ଼ ଦେଉଳ (ଶ୍ରୀମନ୍ଦିର), ବଡ଼ ଭୋଗ (ମହାପ୍ରସାଦ), ବଡ଼ ପଣ୍ଡା (ପୂଜା ପଣ୍ଡା) ଓ ବଡ଼ ଦାଣ୍ଡ ପ୍ରଭୃତି। ତାଙ୍କର ରୋଷଘର ବିଶ୍ୱର ସର୍ବବୃହତ ରୋଷଶାଳା। ତାଙ୍କର ଆନନ୍ଦ ବଜାରରେ ଜାତି-ଅଜାତିର ଭେଦ ଭାବ ନଥାଏ। ଅବ୍ରାହ୍ମଣ – ଚଣ୍ଡାଳ ସମସ୍ତେ ଏକତ୍ର ଭୋଜନ କରନ୍ତି। ପୁଣି ଯିଏ ଯାହାର ପତ୍ରରୁ ଖାଇଥାନ୍ତି। ଶ୍ରୀଜଗନ୍ନାଥଙ୍କର ନିତ୍ୟ ସେବା ନିମନ୍ତେ ଶ୍ରୀମନ୍ଦିରରେ ୮୮ ପ୍ରକାରର ସେବାୟତ ନିୟୋଜିତ। ନିଳାଦ୍ରିମହୋଦୟ, ବାମଦେବସଂହିତା, ସ୍କନ୍ଧପୁରାଣ ଏବଂ ଅନ୍ୟାନ୍ୟ ପୁରାଣମାନଙ୍କରେ ଶ୍ରୀମନ୍ଦିରର ନୀତିକାନ୍ତି ସମ୍ପର୍କରେ ବର୍ଣ୍ଣିତ। ୧୮୦୩ ମସିହାର ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ଅନୁସାରେ ଶ୍ରୀମନ୍ଦିରରେ ଦୈନନ୍ଦିନ ଏକୋଇଶି ପ୍ରକାରର ନୀତି ପାଳନ କରାଯାଉଅଛି। ସେଥି ମଧ୍ୟରୁ 'ଦ୍ୱାରଫିଟା ନୀତି' ସର୍ବ ପ୍ରଥମ ନୀତି। ପ୍ରତ୍ୟେକ ଜଗନ୍ନାଥପ୍ରେମୀ ଏହି ନୀତିକାନ୍ତି ସମ୍ପର୍କରେ ସମ୍ୟକ ଧାରଣା ଲାଭ କରିବା ଉଚିତ। ତେବେ ଯାଇ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ସଂକ୍ରମଣ ସମ୍ଭବ ହୋଇ ପାରିବ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରକୃତ ଭାବର ବନ୍ଧନ ସୁଦୃଢ଼ ହେବ।

ଶ୍ରୀମନ୍ଦିରର ଦୈନନ୍ଦିନ ନୀତି ମଧ୍ୟରୁ 'ଦ୍ୱାରଫିଟା ନୀତି' ସର୍ବ ପ୍ରଥମ ନୀତି। ଏହି ନୀତି ଭୋର ୫ଟାରୁ ଆରମ୍ଭ ହୋଇ ରାତ୍ରୀ ୧୨ଟାରେ ଶେଷ ହୁଏ। ବିଶେଷ ଦିନ ମାନଙ୍କରେ ଏହି ସମୟର ପରିବର୍ତ୍ତନ କରାଯାଇଥାଏ। ବଡ଼ସିଂହାର ବେଶ ଶ୍ରୀଜଗନ୍ନାଥଙ୍କର ପ୍ରତିଦିନର ବେଶ ମଧ୍ୟରୁ ସର୍ବଶେଷ ବେଶ। ବଡ଼ସିଂହାର ବେଶରେ ପ୍ରଭୁ ଗୀତଗୋବିନ୍ଦ ଖଣ୍ଡୁଆ ପରିଧାନ କରିଥାନ୍ତି। କାଳେ ସେ ରତ୍ନସିଂହାସନରେ ଶୟନ କରିନଥିବେ ତେଣୁ ଦ୍ୱାର ଫିଟାଇ ମହାପ୍ରଭୁଙ୍କୁ ନିଦ୍ରା ତ୍ୟାଗ କରାଇ ରତ୍ନସିଂହାସନକୁ ବିଜେ କରାଇବା ସର୍ବପ୍ରଥମ ନୀତି। କାରଣ ପୂର୍ବ ରାତ୍ରୀରେ ଠାକୁରଙ୍କର ବଡ଼ସିଂହାର ବେଶ ପରେ ପହୁଡ଼ ପଡ଼ିଥାଏ। ଠାକୁର ନିଦ୍ରା ଯାଆନ୍ତି। ପହଡ଼ ପଡ଼ିବା ପରେ ହଳାହାଟଦ୍ୱାର, ଜୟବିଜୟଦ୍ୱାର ଓ ଦକ୍ଷିଣ ପାଖ ବେହେରଣ ଦ୍ୱାରକୁ ତଳିଛା ମହାପାତ୍ର ବନ୍ଦକରି ମୁଦ ଦେଇ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତହିଁ ପରଦିନ ସକାଳେ ଭିତରଛ ମହାପାତ୍ର ଏହି ମୁଦକୁ ତଦାରଖ କରି ଦେଖିବା ପରେ ଦ୍ୱାର ଖୋଲିବାକୁ ନିର୍ଦ୍ଦେଶ ଦିଅନ୍ତି। ଭିତରଛ ମହାପାତ୍ର, ମୁଦୁଲି, ପ୍ରତିହାରି, ପାଳିଆ ମେକାପ ଓ ଅଖଣ୍ଡ ମେକାପ ପ୍ରଭୃତି ୫ଜଣ ସେବାୟତଙ୍କ ସମନ୍ୱୟରେ ଦ୍ୱାରଫିଟା ନୀତି ସମ୍ପାଦିତ ହୋଇଥାଏ।

ଭିତରଛ ମହାପାତ୍ର ପାଦଧୋଇ ଅରୁଣସ୍ତମ୍ଭ ନିକଟରେ ଛିଡ଼ା ହୋଇ ମା' ଲକ୍ଷ୍ମୀଙ୍କୁ ପ୍ରଣାମ ପୂର୍ବକ ସିଂହଦ୍ୱାର ଦରଜା ଫିଟାଇବାକୁ ନିର୍ଦ୍ଦେଶ ଦିଅନ୍ତି। ସେ ଭିତର ପାଖକୁ ଯିବା ପରେ ବାହାର ବେଢ଼ାର ଚାରି ଦ୍ୱାର (ପୂର୍ବ ଦିଗର ସିଂହଦ୍ୱାର, ପଶ୍ଚିମ ଦିଗର ବ୍ୟାଘ୍ରଦ୍ୱାର, ଦକ୍ଷିଣ ଦିଗର ଅଶ୍ୱଦ୍ୱାର ଓ ଉତ୍ତର ଦିଗର ହସ୍ତୀଦ୍ୱାର) କବାଟ ଖୋଲାଯାଏ। ଏହାପରେ ସେ ଫଟେ ହନୁମାନଙ୍କୁ ପ୍ରଣାମ କରି ପତିତପାବନଙ୍କ ନିକଟକୁ ଆସିଲେ ପତିତପାବନଙ୍କ କବାଟ ଖୋଲାଯାଏ। ପରେ ପରେ ସେ କାଶୀବିଶ୍ୱନାଥ, ବାଇଶି ପାହାଚ, ପଣ୍ଡାଦ୍ୱାର ଦେଇ ନାଟମଣ୍ଡପକୁ ଯାଇ ଗରୁଡ଼ଙ୍କୁ ପ୍ରଣାମ କରି କାଂଚି ଗଣେଶ ମନ୍ଦିରକୁ ଯାଆନ୍ତି। ତତ୍‌ପରେ ସେ ସେଠାରେ ବେଶ ବଦଳାଇ ବେହେରଣ ଦ୍ୱାର ଦେଇ ଜୟବିଜୟ ଦ୍ୱାର ନିକଟରେ ପହଂଚିଥାନ୍ତି। ୫ଜଣ ଯାକ ସେବାୟତ ଏକତ୍ର ହେବା ପରେ ଜୟବିଜୟ ଦ୍ୱାର ଓ ପରେ କଳାହାଟ ଦ୍ୱାର ଖୋଲାଯାଏ। କଳାହାଟ ଦ୍ୱାର ଖୋଲିବା ପରେ ସେମାନେ ବିଭିନ୍ନ ଦିଗକୁ ଯାଇଥାନ୍ତି।

ଏହାପରେ ମୁଦୁଲି ସେବକ ଭଣ୍ଡାର ଘରକୁ ଯାଆନ୍ତି ଓ ପ୍ରତିହାରି ସେବକ ମଣିମା ମଣିମା ଡ଼ାକ ଦେଇ ଛାମୁଦ୍ୱାର କବାଟ ଖୋଲିଥାନ୍ତି। ଅଖଣ୍ଡ ମେକାପ ଓ ପାଳିଆ ମେକାପ ଦୀପ ଧରି ଦିଅଁ ମାନଙ୍କର ଶ୍ରୀଅଙ୍ଗ ମଣତି କରିଥାନ୍ତି। ଯଦି ଦିଅଁଙ୍କ ଶ୍ରୀଅଙ୍ଗରୁ ବସ୍ତ୍ର, ଫୁଲ, ମାଳ ଖସିଥିବାର ଦେଖାଯାଏ ତେବେ ସେ ରତ୍ନସିଂହାସନ ଉପରକୁ ଉଠି ସଜାଡ଼ିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଯଦି ଶ୍ରୀଜଗନ୍ନାଥଙ୍କର ଗଭା ଖସିଥାଏ ତେବେ ଶ୍ରୀନଅରକୁ, ବଳଭଦ୍ରଙ୍କ ଗଭା ଖସିଥିଲେ ବିମଳାଙ୍କ ପାଖକୁ ଓ ସୁଭଦ୍ରାଙ୍କ ଗଭା ଖସିଥିଲେ ଗରୁଡ଼ଙ୍କ ପାଖକୁ ପଠାଇବାର ବ୍ୟବସ୍ଥା କରନ୍ତି। ଏହାପରେ ଅଖଣ୍ଡ ମେକାପ ଉପରକୁ ଉଠି ନଅଟି ଘିଅ ଦୀପ ପ୍ରଜ୍ୱଳନ କରନ୍ତି। ପରେ ପରେ ପ୍ରତିହାରୀ ସେବକଙ୍କ ଦ୍ୱାରା ଜୟବିଜୟଦ୍ୱାରକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରଯାଏ। ଏହାପରେ ବଡ଼ଛତା ମଠର ୭/୮ ଜଣ ସାଧୁ/ବାବାଜୀ ନାଟମଣ୍ଡପର ଗରୁଡ଼ ସ୍ତମ୍ଭର ସମ୍ମୁଖ ଭାଗରେ ଗୋଲାକାରରେ ବସି ୫ଟି ପାରମ୍ପରିକ ଭଜନ ୨୫ମିନିଟ ପର୍ଯ୍ୟନ୍ତ ପରିବେଷଣ କରନ୍ତି। ଜୟବିଜୟ ଦ୍ୱାର ଖୋଲାହେବା ମାତ୍ରକେ ଭଜନ କାର୍ଯ୍ୟକ୍ରମ ବନ୍ଦ ହୁଏ ଓ ଦାୟିତ୍ୱରେ ଥିବା ପୋଲିସ, ସେବାୟତ ଓ କର୍ମଚାରୀ ଜଗମୋହନକୁ ପ୍ରବେଶ କରନ୍ତି। ପରେ ପରେ ଭକ୍ତମାନଙ୍କ ଦ୍ୱାରା ନାଟ ମଣ୍ଡପ ଲୋକାରଣ୍ୟ ହୋଇଯାଏ। ଭକ୍ତମାନଙ୍କ ହୁଳହୁଳି, ହରିବୋଲ ଏବଂ ଜୟଜଗନ୍ନାଥ ଧ୍ୱନିରେ ଶ୍ରୀମନ୍ଦିର ପ୍ରକମ୍ପିତ ହୋଇ ଉଠେ। ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତ ମନର ଭାବାବେଗ ଏଥିରୁ ସ୍ପଷ୍ଟ ଅନୁମେୟ।

ଶ୍ରୀମନ୍ଦିରରେ ଦଶହରା ପରଠାରୁ କାର୍ତ୍ତିକ ପୂର୍ଣ୍ଣମି ଓ ଧନୁସଂକ୍ରାନ୍ତି ପରଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଓ ଅନ୍ୟାନ୍ୟ ବିଶେଷ ଦିନ ମାନଙ୍କରେ ଦ୍ୱାର ଫିଟା ନିତି ୫ଟା ପୂର୍ବରୁ ମଧ୍ୟ ହୋଇଥାଏ। ବର୍ତ୍ତମାନ ଏହି ଦ୍ୱାରଫିଟା ନୀତି ସକାଳ ୫ଟାରୁ ୫ଟା ୩୦ ମଧ୍ୟରେ ହେଉଥିବାର ଦେଖାଯାଏ। ନୀତିକାନ୍ତିର ସଠିକତା ଶ୍ରୀମନ୍ଦିର ଶୃଙ୍ଖଳା ରକ୍ଷାର ମୁଖ୍ୟ କାରକ। ଏଥିପ୍ରତି ସରକାରଙ୍କ ତିକ୍ଷ୍ଣଣ ଦୃଷ୍ଟି ରହିବା ଉଚିତ୍। ଯାହାଦ୍ୱାରା ପ୍ରତ୍ୟେକ ଭକ୍ତ ସ୍ୱଚ୍ଛନ୍ଦରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ପୂର୍ଣ୍ଣ ସୁଯୋଗ ପାଇପାରିବେ।


ପ୍ରାକ୍ତନ ପ୍ରାଧ୍ୟାପକ, ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦


# ଇନ୍ଦିରା ଏକାଦଶୀ



### ଅଲେଖ ଚନ୍ଦ୍ର ସାମଲ



ଏକାଦଶୀ ବ୍ରତ ହିନ୍ଦୁ ଧର୍ମର ଏକ ପବିତ୍ର ବ୍ରତ। ସୁସ୍ଥ ଓ ଦୀର୍ଘଜୀବନ ଲାଭରେ ସହାୟକ ହୁଏ ଏକାଦଶୀ ଉପବାସ। ଅଗ୍ନି ପୁରାଣ ମତରେ ଏକାଦଶୀ ବ୍ରତ କଲେ ଭଗବାନ ଶ୍ରୀହରିଙ୍କ ନିତ୍ୟ ନିବାସରେ ସ୍ଥାନ ମିଳେ। ଭାକ୍ତିକ ବିଚାରରେ ଏହି ବ୍ରତ ପାଳନରେ ଆତ୍ମା ଶୁଦ୍ଧ ହୁଏ ମନରେ ସଂକଳ୍ପ ଶକ୍ତି ବଢ଼େ ଏବଂ ମସ୍ତିଷ୍କରେ ଜ୍ଞାନତନ୍ତୁ ବିକାଶିତ ହୁଏ। ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦେଖିଲେ ଏକାଦଶୀ ବ୍ରତ ମାସରେ ଦୁଇଥର ପେଟକୁ ବିଶ୍ରାମ ଦିଏ, ଯକୃତ ଦୋଷକୁ ଦୂର କରି ପାକାଗ୍ନିକୁ ସକ୍ରିୟ କରାଏ। ଦିବ୍ୟମୟ ସ୍ୱାସ୍ଥ୍ୟ ପାଇ: ମାସରେ ନିର୍ଦ୍ଦିଷ୍ଟ ଏକ ଦିନ ମୌନ ବ୍ରତ କରିବା ସହ କାଷ୍ଠା ଉପବାସ ଭଲ ଲକ୍ଷଣ ବୋଲି ବିଚାର କରାଯାଏ। ତେବେ ମାସରେ ଦୁଇଥର କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷରେ ପଡ଼େ ଏକାଦଶୀ ବ୍ରତ। ପ୍ରତି ଏକାଦଶୀର ଗୋଟିଏ ଲେଖାଏଁ ନାଁ ରହିଛି। ସେହିପରି ଆଶ୍ୱିନ ମାସର କୃଷ୍ଣ ଏକାଦଶୀକୁ କୁହାଯାଏ ଇନ୍ଦିରା ଏକାଦଶୀ। ଆଶ୍ୱିନ ମାସ ପିତୃପକ୍ଷରେ ପଡୁଥିବା ଏହି ଏକାଦଶୀ ପିତୃଗଣଙ୍କୁ ମୁକ୍ତି ଦିଏ। କଥିତ ଅଛି ପ୍ରାଚୀନ କାଳରେ ମାହିଷ୍ମତୀ ନଗରୀର ରାଜା ଇନ୍ଦ୍ରସେନ ଧର୍ମାତ୍ମ ଓ ଦାନୀ, ଭକ୍ତ ଥିଲେ। ଥରେ ନାରଦ ମହର୍ଷି ରାଜାଙ୍କ ନିକଟରେ ପହଞ୍ଚି କହିଲେ ତୁମେ ପିତା ବ୍ରତ ଭଙ୍ଗ କରି ଯମଲୋକକୁ ଯାତ୍ରା କରିଛନ୍ତି। ତୁମେ ଯଦି ଇନ୍ଦିରା ଏକାଦଶୀ ବ୍ରତ କରି ପିତାଙ୍କୁ ଏକାଦଶୀର ଫଳ ଅର୍ପଣ କରିବ ତେବେ ଯାଇ ତାଙ୍କର ସ୍ୱର୍ଗବାସ ହୋଇପାରିବ। ନାରଦଙ୍କ କଥାରେ ରାଜା ଏକାଦଶୀ ବ୍ରତ କରିଥିଲେ। ଶାଳଗ୍ରାମ ପୂଜା କରି ପିତୃଙ୍କ ପାଇଁ ବ୍ରାହ୍ମଣ ଭୋଜନ ଦେଇଥିଲେ।

ଓଡ଼ିଆ ଘରେ ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣୀ, ବ୍ରତ ମହୋତ୍ସବ ଅନୁଷ୍ଠିତ ହୋଇଥାଏ ସେ ସବୁ ଭିତରେ ମୂଳ କଥା ହେଉଛି ନିଜ ଈଶ୍ୱର ବା ଇଷ୍ଟଙ୍କୁ ପାଇବା ପାଇଁ ତାଙ୍କରି ପଥ ବା ମାର୍ଗ ଅନୁସାରେ ଜୀବନକୁ ଉତ୍ସର୍ଗୀକୃତ କରିବା। ସେହିପରି ଇନ୍ଦିରା ଏକାଦଶୀ ଓଡ଼ିଆ ଭାବନା ଓ ଆଧ୍ୟାତ୍ମିକ ବିଶ୍ୱାସରେ ଏକ ସ୍ୱତନ୍ତ୍ର ଦିବସ ଭାବରେ ବିଚାର କରାଯାଏ। ଗାଁ ମାନଙ୍କରେ ଥିବା ମଠ ମନ୍ଦିର ବା ଦେବାଳୟ ଏବଂ ସହରରେ ଥିବା ମନ୍ଦିର, ଧର୍ମାନୁଷ୍ଠାନରେ ଏହି ବ୍ରତକୁ ବ୍ରତଚାରିଣୀମାନେ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବଧାରାରେ ପାଳନ କରିଥାନ୍ତି। କେହି କେହି ସେ ଦିନ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ କରି କ୍ଷୁଦ୍ଧାର୍ତ୍ତ ଲୋକମାନଙ୍କୁ ହବିଷ ପ୍ରସାଦ ବଣ୍ଟନ କରିଥାନ୍ତି। ସନ୍ଧ୍ୟାବେଳେ ଆରତୀ ପରେ ସଂକୀର୍ତ୍ତନ ମଧ୍ୟ ଅନୁଷ୍ଠିତ ହୋଇଥାଏ। କେତେକ କ୍ଷେତ୍ରରେ ଧର୍ମବିଶ୍ୱାସୀମାନେ ସୂର୍ଯ୍ୟାସ୍ତପରେ ଖାଦ୍ୟ ଗ୍ରହଣ କରିନଥାନ୍ତି ଏହି ଏକାଦଶୀ ତିଥିରେ। ଅନେକ ହୁଏତ ଜାଣିନଥିବେ ପୁରୀ ଶ୍ରୀମନ୍ଦିରରେ ସେଦିନ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଏ ବ୍ରତ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଜଗନ୍ନାଥଙ୍କର ସ୍ୱତନ୍ତ୍ର ନୀତି ଏହି ଦିନ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଶ୍ରୀମନ୍ଦିରର ଆନନ୍ଦ ବଜାରରେ ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ସେବନ କରି, ବ୍ରାହ୍ମଣ ମାନଙ୍କୁ ଭୋଜନ ଦାନ କରି ମହୋଦଧିରେ ସ୍ନାନ କଲେ ଅନେକ ଫଳ ପ୍ରାପ୍ତି ହେବା ସହ ନାନା ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଇନ୍ଦିରା ଏକାଦଶୀକୁ ଭକ୍ତି ଭାବନା ସହ ଅତ୍ୟନ୍ତ ଦିବ୍ୟ ଚିନ୍ତନ ସହ ପାଳନ କରୁଥିବା ସମସ୍ତଙ୍କ ପାଇଁ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ଜଣାଉଛି।


ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩


# ଇନ୍ଦିରା ଏକାଦଶୀ ବ୍ରତ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଏକାଦଶୀ ବ୍ରତ ହିନ୍ଦୁ ଧର୍ମର ଏକ ପବିତ୍ର ବ୍ରତ। ସୁସ୍ଥ ଓ ଦୀର୍ଘଜୀବନ ଲାଭରେ ସହାୟକ ହୁଏ ଏକାଦଶୀ ଉପବାସ। ଅଗ୍ନି ପୁରାଣ ମତରେ ଏକାଦଶୀ ବ୍ରତ କଲେ ଭଗବାନ ଶ୍ରୀହରିଙ୍କ ନିତ୍ୟ ନିବାସରେ ସ୍ଥାନ ମିଳେ। ଭାକ୍ତିକ ବିଚାରରେ ଏହି ବ୍ରତ ପାଳନରେ ଆତ୍ମା ଶୁଦ୍ଧ ହୁଏ ମନରେ ସଂକଳ୍ପ ଶକ୍ତି ବଢ଼େ ଏବଂ ମସ୍ତିଷ୍କରେ ଜ୍ଞାନତନ୍ତୁ ବିକାଶିତ ହୁଏ। ଅନ୍ୟ ପକ୍ଷରେ ଏକାଦଶୀ ବ୍ରତ ମାସରେ ଦୁଇଥର ପେଟକୁ ବିଶ୍ରାମ ଦିଏ, ଯକୃତ ଦୋଷକୁ ଦୂର କରି ପାକାଗ୍ନିକୁ ସକ୍ରିୟ କରାଏ। ମାସରେ ଦୁଇଥର କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷରେ ପଡ଼େ ଏକାଦଶୀ ବ୍ରତ। ପ୍ରତି ଏକାଦଶୀର ଗୋଟିଏ ଲେଖାଏଁ ନାଁ ରହିଛି। ସେହିପରି ଆଶ୍ୱିନ ମାସର କୃଷ୍ଣ ଏକାଦଶୀକୁ କୁହାଯାଏ ଇନ୍ଦିରା ଏକାଦଶୀ। ଆଶ୍ୱିନ ମାସ ପିତୃପକ୍ଷରେ ପଡୁଥିବା ଏହି ଏକାଦଶୀ ପିତୃଗଣଙ୍କୁ ମୁକ୍ତି ଦିଏ।

ଇନ୍ଦିରା ଏକାଦଶୀ ତିଥିରେ ଭଗବାନ ହୃଷିକେଶଙ୍କୁ ଯିଏ ପୂଜା କରିବ ସେ ମୃତ୍ୟୁଲୋକରେ ଯମଲୋକଙ୍କ ଠାରୁ ଯନ୍ତ୍ରଣା ପାଇବାରୁ ବଞ୍ଚିତ ହୋଇଥାଏ ବୋଲି ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ହୋଇଛି। ଇନ୍ଦିରା ଏକାଦଶୀ ବ୍ରତ କଲେ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ ନା କି ଯମର ନିର୍ଯାତନା ସହିବାକୁ ପଡ଼ିଥାଏ। ମନୁଷ୍ୟର ପାପପୁଣ୍ୟର ହିସାବ ଯମ ରଖିଥାଏ। ତାହାକୁ ସେ ଦୃଷ୍ଟିରେ ରଖି ଯମଲୋକରେ ମୃତ ବ୍ୟକ୍ତିକୁ ଦଣ୍ଡ ଦେଇଥାଏ। କୌଣସି ପାପ କର୍ମ ପାଇଁ ରାଜା ଇନ୍ଦ୍ରସେନଙ୍କ ପିତାଙ୍କୁ ଯମଲୋକ ଯିବାକୁ ପଡ଼ିଥିଲା। ଥରେ ଇନ୍ଦ୍ରସେନ ସ୍ୱପ୍ନ ଦେଖିଲେ ଯେ ତାଙ୍କ ପିତା ଦର୍ଶନ ଦେଇ କହିଲେ ମୁଁ ଯମଲୋକରେ ବହୁତ କଷ୍ଟ ପାଇଲିଣି ଆଉ ସହ୍ୟ ହେଉନାହିଁ। ମୋତେ ଏଥିରୁ ମୁକ୍ତି ଦେବା ଲାଗି କୌଣସି ଉପାୟ କର। ପିତାଙ୍କ କଷ୍ଟ ଜାଣିପାରି ଇନ୍ଦ୍ରସେନ ବିଚଳିତ ହେଲେ। ଏହି ମଧ୍ୟରେ ନାରଦ ମୁନି ଇନ୍ଦ୍ରସେନଙ୍କ ଦରବାରରେ ପ୍ରବେଶ କରି ଇନ୍ଦ୍ରସେନଙ୍କୁ କହିଲେ ଆଶ୍ୱିନ କୃଷ୍ଣ ଏକାଦଶୀ ବ୍ରତ କର। ଏଥିରେ ତୁମ ପିତା ଯମଲୋକରୁ ମୁକ୍ତି ପାଇଯିବେ। ରାଜା ଇନ୍ଦ୍ରସେନ ନାରଦଙ୍କ କହିବା ଅନୁଯାୟୀ ଏହି ଏକାଦଶୀ ବ୍ରତ କଲେ। ସେ ବ୍ରାହ୍ମଣଙ୍କୁ ଭୋଜନ କରାଇ ଦକ୍ଷିଣା ଦାନ କଲେ। ଏହି ବ୍ରତର ପ୍ରଭାବରେ ତାଙ୍କ ପିତା ବୈକୁଣ୍ଠ ପ୍ରାପ୍ତ କଲେ। ମୃତ୍ୟୁ ପରେ ଇନ୍ଦ୍ରସେନ ମଧ୍ୟ ବୈକୁଣ୍ଠ ଯାତ୍ରା କଲେ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩


## କବିତା କୋଣାର୍କ

### ଥରୁଟିଏ ଆସ

#### ଅନନ୍ତ ବାଗ

ଥରୁଟିଏ ଆସ ଦେଇ ଦେବି
ତମକୁ ମୋର ସମସ୍ତ ଆୟୁଷ
ଦେଇ ଦେବି ମୋର ବର୍ତ୍ତମାନ ଆଉ
ଭବିଷ୍ୟତ....

କେମିତି ତମେ କ'ଣ ତମ ଚରିତ୍ର
ଏସବୁ ମୁଁ ଜାଣିବାକୁ ଚାହେଁନା,
ବାସ୍ ତମକୁ ମୁଁ ଏଇ ହୃଦୟରେ
ଜନ୍ମ ଜନ୍ମାନ୍ତର ପାଇଁ ନିଜର
କରିବାକୁଚାହେଁ...

ଥରୁଟିଏ ଆସ ଲୋଡା ନାହିଁ ମୋତେ
ଧନ, ସମ୍ପତ୍ତି ଲୋଡା ନାହିଁ ହୀରା ?
ମଣି ମାଣିକ
କେବଳ ତମକୁ ଓ ତମର ଭଲ
ପାଇବାକୁ ନେଇ
ହିଁ ବଞ୍ଚିଯିବି ସବୁ ଦିନ....

ଥରୁଟିଏ ଖାଲି ତମ ହୃଦୟରେ ?
ଜାଗା ଟିଏ ଦିଅ
ସାରା ଦୁନିଆର ସବୁ ଅପବାଦକୁ
ସହି ଯିବାକୁ ମୁଁ ପ୍ରସ୍ତୁତ

ଏବେ ହିଁ ସମୟ ଅଛି ତମକୁ ନିଜର
କରିବାକୁ
କାଳେ ଏଇ ଡରରେ ଯେ ତମେ
ହାତ ଛଡା ହେଇ ଯିବ..

ବାସ ତମେ ଆସ ମୋର ଅଗାଧ
ସ୍ନେହ, ଶ୍ରଦ୍ଧା
ଭଲପାଇବା ତମ ପାଖେ
ଉତ୍ସର୍ଗୀକୃତ....


ପିତାମହୁଲ, ଅଲଣ୍ଡା,
ସିନ୍ଧେକେଲା, ବଲାଙ୍ଗୀର


### କବିବର ରାଧାନାଥ ରାୟ

#### ତୃପ୍ତିରାଣୀ ପାତ୍ର



ଆଗୋ କବିବର ରାଧାନାଥ ରାୟ
ଅମ୍ଳାନ ପ୍ରତିଭା ଧର
ଜୀବନେ ଜୋଛନା ଭରିଲ ସୁନ୍ଦର
ଭାବରସ ସୌଦାଗର ।
ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ
ସାରସ୍ୱତ ଧନେ ମାନ
ଆପଣଙ୍କ ସୃଷ୍ଟି ଅପୂର୍ବ ମିଳନ
ଭାଷା ସାହିତ୍ୟ ଧୂରୀଣ ।
କାବ୍ୟ କଳାକାର ପ୍ରକୃତି ପ୍ରେମିକ
ଧନ୍ୟ ହେ ତବ ଜୀବନ
ଜ୍ଞାନୀ ଗୁଣୀ ଅଧ୍ୟାପକ ନିର୍ଦ୍ଦେଶକ
ଆଧୁନିକ କାବ୍ୟ ଗାନ ।
ଆପଣଙ୍କ ଯଶ ଖ୍ୟାତି ସନମାନ
କବିବର ଉପାଧିରେ
ଭୂଷିତ ହୋଇଲ ଧନ୍ୟ ହେଲା ପ୍ରାଣ
ଉତ୍କଳ ମାତା କୋଳରେ ।
ଫେରିଆସ ଆଉଥରେ କବିବର
ଖୋଜୁଛୁ ଆମେ ଆଦରେ
ସୋର କେଦାରନାଥପୁର ଗାଆଁର
ବାଲେଶ୍ୱର ଅଙ୍ଗନରେ ।
ଭକ୍ତି ପ୍ରୀତି ଭରା ଶ୍ରଦ୍ଧାଞ୍ଜଳି ମୋର
ହୃଦୟର ଅର୍ଘ୍ୟ ଘେନ
ଜନ୍ମ ନିଅ ଆଉଥରେ ଏ ମାଟିର
ସାକାର କର ସପନ ।


ସହଦେବଖୁଣ୍ଟା, ବାଲେଶ୍ୱର


### କୈଶୋର

#### କମଳ ଲୋଚନ ବେହେରା



ଏବେ ଗୋଟାଏ ଅଜଣା ଭୁତାଣୁର
ସଂକ୍ରମଣ
ସୁଷୁମ୍ନାକାଣ୍ଡରେ ଜଡ଼ିଯାଏ ଧୂଆଁଳିଆ
ଭବିତବ୍ୟ
ଅପରିପକ୍ୱତାକୁ ଭଲ ପାଇବସେ
ପରିପକ୍ୱତା
ନିୟନ୍ତ୍ରଣ ହରେଇବସେ ଚାରି
ପଇସିଆ ମନ

ଭିଣାଯାଏ ହୃଦୟ....
ଚୂନ ପାଣିରେ ସଫେଦ ହୁଏ ଯୌବନ
ଆକ୍ତାମାକ୍ତା ହୋଇପଡେ ଲେଲିହାନ
ତ୍ୱଚା
ଭ୍ରୂକୁଟିରୁ ଗୋଇଠି କେବଳ ଆକର୍ଷଣ

ଦିଶେନି ମାଟି ପିଉଥିବା ତତଲା ଝାଳ
ମନେପଡ଼େନି ତକିଆ ଭେଦା ଲୁହ
କିନ୍ତୁ ଶିରା ପ୍ରଶିରାରେ ରଙ୍ଗୀନ୍ ହୁଏ
ଉତ୍ତେଜନା
ତେଜି ଉଠେ ବିରକ୍ତି, ଆସକ୍ତି,
ସଂସକ୍ତି
ନିଷ୍କ୍ରିୟ ହୁଏ କର୍ତ୍ତବ୍ୟ ଓ ଗତିପଥ

ଚିହ୍ନା ତୁଠରେ ଅତଡ଼ା ଖାଏ ପାଦ
ଦୋଷ ମୁଣ୍ଡାଏ କଅଁଳ ବୟସ
ଜାଣତରେ ବି ଠିକ୍ ଲାଗେ
ଦୋହରେଇବାକୁ ଭୁଲ୍
ସୁଧୁରିବା ପାଇଁ ଅଟକେନି ମୁହୂର୍ତ୍ତ
ମନ ଥାଇ ବି ଥକିହୁଏନି ଏଠି
ଆଖି ଖୋଲି ଅଚେତ ହୁଏ ଅବସ୍ଥା
ଇଚ୍ଛା ହୁଏ ଧାଇଁବାକୁ ମରୀଚିକା
ପଛେ
ଗତିପଥ ବାଙ୍କିଯାଏ ବନ୍ଧୁରପଥ ପାଇଁ
ଯିଏ ସଳଖେ ନିଜକୁ
ଥୁ' କହି ତେଜିଦିଏ କାମନାକୁ
ଉତାରି ପକାଏ ବିଶୁଦ୍ଧତାକୁ
ମୁଠେଇ ଧରେ ଇନ୍ଦ୍ରିୟ ଗୁଡ଼ିକୁ
ସେ ହିଁ ବଞ୍ଚେ
ଯୁଝି ଯୁଝି ଜିତାପଟ ହାସଲ କରେ
ଉପଭୋଗ କରେ ଅଡେଇ ଦିନିଆ
ଜୀବନକୁ
ନୋହିଲେ ବଳକାଙ୍କ ଭାଗ୍ୟରେ
ଲେଖାହୁଏ
ନେଡ଼ି ଗୋଡ଼ କହୁଣୀର କରୁଣ
କାହାଣୀ...।


ଗୋପାଳପୁର, ବାଲେଶ୍ୱର
ମୋ: ୯୦୭୮୬୦୬୪୬୯





# ଖିଆଲି ରାଜା



ନଗେନ୍ଦ୍ର ନାଥ ପଟ୍ଟନାୟକ



ଏକଦା ଏକ ସୁଖୀ ସମୃଦ୍ଧଶାଳୀ ରାଇଜ ଥିଲା । ସେଇ ରାଇଜର ନାଆଁ ମେହେନତପୁର । ମେହେନତ ପୁରର ବିଶେଷତା ହେଲା ସେ ରାଇଜର ପ୍ରତ୍ୟେକ ପ୍ରଜା ଥିଲେ କଠୋର ଅନୁଶାସନରେ ବନ୍ଧା । କୌଣସି ପ୍ରଜା ଅଳସୁଆମିକୁ ପସନ୍ଦ କରୁନଥିଲେ । ପ୍ରତ୍ୟେକ କଠିନ ପରିଶ୍ରମ କରି ଜୀବନଯାପନ କରୁଥିଲେ ।

ଅନୁଶାସନ ଯୋଗୁ ରାଇଜ ଖୁବ୍ ସମୃଦ୍ଧ ସମ୍ପନ୍ନ ହେବାକୁ ଲାଗିଲା । ଦୂରଦୁରାନ୍ତରେ ମେହେନତପୁର ନିବାସୀଙ୍କ ପରିଚିତି ବ୍ୟାପିବାରେ ଲାଗିଲା । ଏସବୁ ତାଙ୍କର ପ୍ରତାପ ଓ ପରାକ୍ରମ ହେତୁ ସମ୍ଭବ ହୋଇଛି ବୋଲି ଭାବି ରାଜା ଗର୍ବ ଅହଙ୍କାରରେ ଫାଟି ପଡୁଥିଲେ । 'ମୋର ରାଇଜ କେତେ ଶାନ୍ତ, ସୁଖୀ ଓ ସମୃଦ୍ଧଶାଳୀ, ଏ ସବୁ କେବଳ ମୋରି ଯୋଗୁ । ମୁଁ ଜଣେ ବହୁତ ଭଲରାଜା । ଧୀରେ ଧୀରେ ରାଜା ପ୍ରମାଦକୁ ନିଜର ବିଶାଳ ରାଜପାଟକୁ ନେଇ ଏତେ ଅହଙ୍କାର ଆସିଲା ଯେ ଏକ ପ୍ରକାର ପାଗଳାମି ତାଙ୍କ ମନକୁ ଆବୋରି ବସିଲା ।

ସେ ରୋଜ୍ ସକାଳୁ ସକାଳୁ ମହାମନ୍ତ୍ରିକୁ ଡକାଇ କହିଲେ - 'ଦେଖ ! ମୋ ରାଇଜ ମେହେନତପୁର ଖୁବ୍ ପ୍ରସିଦ୍ଧି ଲାଭ କରିଛି । ଏବେ ମୁଁ ଇଚ୍ଛା କରୁଛି ମୋ ନାଁରେ ମୋର ଏ ରାଜପାଟର ତାରିଫ କରାଯାଉ ଏବଂ ଏହି ପ୍ରଶଂସା ଦୁନିଆ ସାରା ଜଣ ଜଣ ଲୋକଙ୍କୁ ପାଖରେ ପହଞ୍ଚିଯାଉ ।

ମହାମନ୍ତ୍ରୀ । ମୁଁ ତୁମକୁ ଏହି ହୁକୁମ ଦେଉଛି ତୁମେ ତୁରନ୍ତ ଆପଣା ଲୋକଙ୍କୁ ନିଯୁକ୍ତ କର । ଏ ଦୁନିଆରେ ଗଳି କନ୍ଦି, କୋଣ ଅନୁକୋଣ , ନଗର, ପୁରପଲ୍ଲୀ ଯାଇ ମୋର ସୁନାମକୁ ତାରିଫ କରି ଢୋଲ ବାଜା ବଜାଅ । ସାରା ବିଶ୍ୱରେ କୌଣସି ଜାଗାର ଲୋକଟେ ବି ମୋ ପ୍ରଶଂସା ଶୁଣିବାରୁ ଯେମିତି ବଞ୍ଚିତ ନ ହେଉ । ରାଜା ପ୍ରମାଦ ନିଜ ଖିଆଲିଭରେ ଏକଥା କହିଦେଲେ । କିନ୍ତୁ ରାଜାଙ୍କ ହୁକୁମ ଶୁଣି ମହାମନ୍ତ୍ରୀଙ୍କର ଭାଳେଣି ପଡ଼ିଗଲା । ବଡ ଚିନ୍ତାରେ ପଡିଗଲେ ସେ । ମନେ ମନେ ରାଜାଙ୍କ ମୂର୍ଖାମିକୁ ନେଇ ଯେତିକି ଆଚମ୍ବିତ ହେଲେ ସେତିକି ଦୁଃଖ ମଧ କଲେ । ସେ ଭାବୁଥିଲେ - ଆଜି ହିଁ ଏହି ସମୟରେ ମତେ ରାଜାଙ୍କ ମନ ବଦଲାଇବାକୁ ପଡ଼ିବ ନଚେତ୍ ମେହେନତପୁର ଉନ୍ନତିରେ ବିନିଯୋଗ କରାଯାଇଥିବା ଧନରାଶି ରାଜାଙ୍କର ପ୍ରଶଂସାରେ ବରବାଦ୍ ହୋଇଯିବ ।

ରାଜା ପ୍ରମାଦ ଅଭିମାନରେ ଫାଟି ପଡ଼ିଲେ । ଆହୁରି ଡେରି କଲେ କାଳେ ଅନର୍ଥ ହୋଇଯିବ । ସେ ସମୟରେ ବଜ୍ର ସଂକଳ୍ପ ନେଇ ମହାମନ୍ତ୍ରୀ ରାଜାଙ୍କୁ ବଗିଚା ଆଡିକି ନେଇଗଲେ ଘେରାଏ ଚଲାବୁଲା କରିବା ପାଇଁ । ହେଇଟି ଦେଖନ୍ତୁ ମହାରାଜ ! ଏଇ ଶୀତଳ, ଶାନ୍ତ ସୁଗନ୍ଧିତ ମୃଦୁ ପବନକୁ, ଏକଦମ୍ ମଉନ । ଫେର,ଏସବୁ ଫୁଲ ନିଜର ମହକ ଓ ରଙ୍ଗରେ କେବେ ବି ଡିଣ୍ଡିମ ପିଟନ୍ତି ନାହିଁ । ଏଇ ମାଟି, ଯାହାଠାରେ ବିଶାଳ ବରଗଛଟେ ଜନ୍ମ ଦେବାର ଅସୀମ ସମ୍ଭାବନା ଥାଏ, ସେ ବି କୁହାଟ ଛାଡ଼ି ନିଜର ପ୍ରଶଂସା କରେନାହିଁ । ସେ ମଧ ଏକଦମ୍ ଚୁପ୍ ରହେ । ସେମିତି ସୁନୀଳ ଅସୀମ ଆକାଶ, ଯେକି ଧରିତ୍ରୀର ଶୋଷ ମେଣ୍ଟାଏ, ସେ ମଧ ତୁନିରହେ । ଏତେସବୁ ଶୁଣିଥିବା ରାଜା ମହାମନ୍ତ୍ରୀ ସଙ୍କେତକୁ ବେଶ୍ ବୁଝିଗଲେ । କହିଲେ, ସତରେ ଜଣେ ସୁଯୋଗ୍ୟ ମନ୍ତ୍ରୀ ହିଁ ରାଜାଙ୍କୁ ଭୁଲପଥରେ ଯିବାରୁ ରୋକିଦିଏ ।

ଓସ୍କାର ସିଟି, ଲେନ ନଂ- ୯ ,ପ୍ଲଟ ନଂ - ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ,ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

# 'ଚତୁର ଠେକୁଆ'

ସନ୍ତୋଷ କୁମାର ଅଦାବର

ଗୋଟିଏ ଘଞ୍ଚ ଜଙ୍ଗଲ ଭିତରେ ଅନେକ ପଶୁପକ୍ଷୀ ରହୁଥାଆନ୍ତି । ସେ ଜଙ୍ଗଲରେ ଥାଏ ଗୋଟିଏ ଚାଲାକ ଠେକୁଆ । ଦିନେ ସେ ଜଙ୍ଗଲରେ ଯାଉ ଯାଉ ଅଳ୍ପ ଦୂରରେ ଗୋଟିଏ ସିଂହକୁ ଦେଖିଲା । ଭାବିଲା, କାଳେ ସେ ସିଂହର ଶିକାର ହୋଇଯିବ । ତେଣୁ ସେ ଭୟରେ ଏକ ବୁଦାମୂଳରେ ଲୁଚି ଦେଲା । ଠିକ୍ ଏହି ସମୟରେ ଏକ ହରିଣ ସେହି ରାସ୍ତାଦେଇ ଯାଉଥାଏ । ଅତି ସୁନ୍ଦର ହରିଣଟିଏ । ଠେକୁଆ ମନରେ ତା' ପ୍ରତି ଦୟା ଆସିଲା । ହରିଣଟି ମଧ୍ୟ ତା'ର ଭଳି ତୃଣଭୋଜୀ ପ୍ରାଣୀ । କିନ୍ତୁ ଆଗରେ ସିଂହ ଥିବା କଥା ହରିଣକୁ ସେ କହିବା ଆଗରୁ ହରିଣଟି ସିଂହର ପାଖାପାଖି ପହଞ୍ଚି ଯାଇଥିଲା । କେମିତି ହରିଣଟିକୁ ବଞ୍ଚାଇବ ଏକ ଉପାୟ ପାଞ୍ଚିଲା ।



ନିରୀହ ହରିଣଟି ସିଂହର ସାମ୍ନାସାମ୍ନି ହେଇଗଲା । ସିଂହ ଗର୍ଜନ କରି ହରିଣକୁ ଧରିବା ପାଇଁ ତା' ଉପରକୁ ଲମ୍ଫ ପ୍ରଦାନ କରୁଥିବା ସମୟରେ ହରିଣ ଯେମିତି ପ୍ରାଣ ବିକଳରେ ଦୌଡ଼ିବାକୁ ଚେଷ୍ଟା କରିଛି ତା'ର ପଛର ବାମ ଗୋଡ଼ଟି ଭାଙ୍ଗିଗଲା । ସେ ଆଉ ଦୌଡ଼ି ପାରିଲା ନାହିଁ । ସିଂହ ଭାବିଲା- ହରିଣ ତ ଦୌଡ଼ି ପାରୁନି, ଆରାମରେ ଯାଇକି ଧରି ଖାଇବି । ତରବର ହୋଇ ଦୌଡ଼ିବାର କିଛି ଆବଶ୍ୟକତା ନାହିଁ । ଏମିତି ଭାବିକି ସିଂହଟି ଜୋରରେ ହସି ହସି ହରିଣ ପାଖକୁ ଧିରେ ଧିରେ ଆସୁଥାଏ । ହରିଣଟି ଭୟରେ ଥରି ଯାଉଥାଏ । ସିଂହଟି ଯେତେ ପାଖକୁ ଆସୁଥାଏ, ହରିଣଟି ସେତିକି ଥରୁଥାଏ । ଏପଟେ ଭଙ୍ଗା ଗୋଡ଼ର ଯନ୍ତ୍ରଣା, ପୁଣି ସିଂହର ଭୟ । ଆଜି ଆଉ ତା'ର ଜୀବନ ରହିବନି । ଏମିତି ଭୟରେ ସେ ସେଠି ପଡ଼ି ରହିଥାଏ । ସିଂହ ତା' ପାଖକୁ ଆସି ଆହୁରି ଜୋରରେ ହସିଲା । ଠିକ୍ ଏହି ସମୟରେ ବୁଦା ମୂଳରେ ଲୁଚିଥିବା ଠେକୁଆଟି ତା'ର ସାହସ ଜୁଟାଇ ଆସି ସେ ମଧ୍ୟ ହରିଣଟିକୁ ଦେଖି ହସିଲା ଏବଂ ନାଚିଲା । ହଠାତ୍ ଠେକୁଆଟିଏ ଆସି ହସିଲା ଦେଖି ସିଂହ ଏବଂ ହରିଣ ଆଶ୍ଚର୍ଯ୍ୟ ହୋଇଗଲେ । ଏଥର ଠେକୁଆ କହିଲା- ଦୁଷ୍ଟ ଛୋଟା ହରିଣ । ତୋତେ ମୁଁ ବହୁତ ସମୟ ହେଲା ଖୋଜୁଛି । ଏବେ ପାଇଗଲି । ଠେକୁଆର କଥା ଶୁଣି ସିଂହ ପଚାରିଲା- କାହିଁକି ତୁ ଏଇଟାକୁ ଖୋଜୁଛୁ ? ତୋର କ'ଣ କାର୍ଯ୍ୟ ତା'ଠାରେ ଅଛି ? ଏଇଟା ମୋର ଶିକାର । ଠେକୁଆଟି କହିଲା- ତମେ ଜାଣିନ ଏ ହରିଣ ବିଷୟରେ ସିଂହ ଭାଇ । ଏଇ ହରିଣ ଜଣେ ବାବାଙ୍କ ଠାରୁ ଆଶୀର୍ବାଦ ପାଇଛି । ଯେଉଁଦିନ ତା'ର ପଛ ବାମ ଗୋଡ଼ ଭାଙ୍ଗିବ ସେଦିନ ସେ ଏ ରାଜ୍ୟର ରାଜାଙ୍କ ଲୋକ ଆସି ଏହାକୁ ନେଇଯିବେ । ରାଜାଙ୍କର ଏହା ଏକ ପଣ୍ଡିତ ଭାବରେ ସବୁ କଥା କହି ପାରିବ । ସିଂହ କହିଲା- ଯା.. ଏ ତ ଘଞ୍ଚ ଜଙ୍ଗଲ । ଏଠାକୁ କାହାର ସାହସ ଯେ ଏହାକୁ ନେଇ ଆସିବ । ଏଇଟା ମୋର ଶିକାର । ତା'ପରେ ତୋତେ ବି ଖାଇବି ।

ଠେକୁଆ ଭୟରେ ଛେପ ଢୋକିକି ଭାବିଲା ଆଉ କିଛି ଗୋଟିଏ କହିବି । ନ ହେଲେ ଏ ସିଂହଟା ଆମ ଦୁହିଁଙ୍କୁ ସଫା କରିଦେବ । ସେ କହିଲା- ରହ ସିଂହ ଭାଇ । ମୁଁ ତ କ୍ଷୁଦ୍ର ଜୀବଟିଏ । ମୋତେ ଖାଇଲେ ତୁମ ପେଟ ପୂରିବ ନାହିଁ । ଆଉ ଗୋଟିଏ ମୁଖ୍ୟ କଥା ରହିଗଲା । ଯିଏ ଏହାର ଗୋଡ଼ ଛୋଟା ଭାବିକି ଖାଇବ ସିଏ ବି ହରିଣ ହୋଇଯିବ,କିନ୍ତୁ ତାକୁ ରାଜାଙ୍କ ଲୋକ ନେବେ ନାହିଁ । ସେ ଏ ଜଙ୍ଗଲରେ ଅନ୍ୟ ହିଂସ୍ର ପଶୁଙ୍କ ଶିକାର ହେଇଯିବ । ଏକଥା ସେ ବାବାଜି ଜଣକ ହରିଣ ଭାଇକୁ କହିଛନ୍ତି । ହରିଣ ବି ଠେକୁଆ ତାକୁ ବଞ୍ଚାଇବାକୁ ଯାଇ ମିଛ କଥା ସବୁ ସଜେଇକି କହୁଥିବାର ଜାଣି ପାରୁଥାଏ ଏବଂ ହଁ ହଁ କରୁଥାଏ । ଯଦି ତୁମେ ଏହାକୁ ଖାଇବାକୁ ଚାହୁଁଛ, ତେବେ ପ୍ରଥମେ ତୁମ ଦାନ୍ତଗୁଡ଼ିକୁ ଏବଂ ପଞ୍ଝାର ନଖଗୁଡ଼ିକୁ ପଥରରେ କାମୁଡ଼ି ଘଷିକି ଧାରୁଆ କରିବାକୁ ହେବ । ଦାନ୍ତ ଓ ନଖ ଧାରୁଆ କରି ଖାଇଲେ ଆଉ ତୁମେ ହରିଣ ହୋଇ ପାରିବ ନାହିଁ । ଏ ସବୁ ସେ ବାବାଙ୍କ କଥା ।

ଏକଥା ଶୁଣି ସିଂହଟି ପାଖରେ ଥିବା ଏକ ବଡ଼ ପଥରକୁ ଜୋରରେ କାମୁଡ଼ି ଦେବାରୁ ତା'ର ଦାନ୍ତଗୁଡ଼ାକ ଭାଙ୍ଗି ରକ୍ତ ବାହାରି ଅନେକ କଷ୍ଟ ଦେଲା । ତା'ର ପଞ୍ଝାର ନଖ ଗୁଡ଼ିକ ମଧ୍ୟ ଥୁଣ୍ଟା ହୋଇଗଲା । ସେ ହରିଣ ଓ ଠେକୁଆକୁ ଖାଇବା କଥା ଭୁଲିଯାଇ ନିଜର ଯନ୍ତ୍ରଣାରେ ଛଟପଟ ହେଲା । ଏତେ ସମୟ ଭିତରେ ପ୍ରକୃତରେ ହରିଣର ଅଳ୍ପ ଆଘାତ ଲାଗିଥିବା ଗୋଡ଼ଟି ଟିକିଏ ଭଲ ହୋଇ ଯାଇଥିଲା । ସିଂହଟି ତାଙ୍କ ଆଡ଼କୁ ଦେଖିବା ଆଗରୁ ସେ ଦୁହେଁ ସେଠାରୁ ଜୋରରେ ଦୌଡ଼ି ପଳାଇ ଗଲେ । ବହୁ ଦୂରକୁ ଯାଇ ସେ ଦୁହେଁ ଛିଡ଼ା ହେଲେ ଏବଂ ହରିଣକୁ ମରଣ ମୁହଁରୁ ବଞ୍ଚେଇଥିବାରୁ ସେ ଠେକୁଆକୁ ସାବାସ୍ ସାବାସ୍ କହିଲା । ଠେକୁଆ କହିଲା- ଜୀବନକୁ ବିପଦ ଆସିଲେ ଶତ୍ରୁକୁ ମିଥ୍ୟା କହି ବଞ୍ଚିବା ହିଁ ଏକ ମାତ୍ର ରାହା ଅଟେ ।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## କବିତା
ତୁମ ପାଇଁ

### ନିଜ କାମକୁ କରିବା ନିଜେ...

ରାମଚନ୍ଦ୍ର ବେହେରା

ସକାଳ ହେଲେ କାଉ ରାବଇ
ଚାଳରେ କାଆ କାଆ
ତା'ଡାକ ଶୁଣି ଉଠି ପଡନ୍ତି
ବୁଢାଠୁଁ ଛୋଟ ଛୁଆ ।

ଖରା ନଇଁଲେ ଜେଜେ ଦିଅନ୍ତି
ଗଛ ମୂଳରେ ପାଣି
ଜେଜେଂକ ପରି ଗଛ ଯତନ
ନେବା ତା' ମନ ଜାଣି ।

ମଇଳା ହେଲେ ଆମ କପଡା
ଧୋଇ ଦିଅନ୍ତି ମାଆ
ଛୁଟି ଦିନରେ ସେ କାମ ଆମେ
କରିବା ନାହିଁ କିଆଁ ।

ପହଁରା ଧରି ଅପା ଆମରି
ଘରକୁ ସଫା କରେ
ତା'ପରି ଆମେ ଘର ଦୁଆର
ଓଳେଇ ଦେବା ଧୀରେ ।

ସକାଳୁ ସଂଜ ମାଆ ଖଟନ୍ତି
ନକରି ପ୍ରତିବାଦ
ସମୟ ଦେଖି ତାଂକୁ ସାହାଯ୍ୟ
କରିବା ଆମେ ମିତ ।

ସେବା ଭାବକୁ ପରାଣେ ଭରି
କରିଲେ ଆମେ କାମ
ଗୁରୁଜନଂକ ଶୁଭ ଆଶିଷ
ନିଶ୍ଚେ ମିଳିବ ଜାଣ ।

କାହା ମନରେ ଦେବାନି ଦୁଃଖ
କହିବା ମିଠା କଥା
ନିଜ କାମକୁ ନିଜେ କରିଲେ
ହେବା ଜଗତ ଜିତା ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



### ହାତୀ ଅଜା ଯିବ ଗାଆଁକୁ

ଶରତ କୁମାର ଦାସ

ହାତୀ ଅଜା ଆଉ ଆଗପରି ନାହିଁ
ରାଗେ ଗରଗର ହେଉଛି,
ଶୁଣ୍ଢକୁ ହଲେଇ ମୁହଁକୁ ବୁଲେଇ
ମାଟିକୁ ଆମ୍ପୁଡି ଦେଉଛି ।

ଘରଟି ତାହାର ଯାଇଛି ଉଜୁଡି
ରହିବାକୁ ନାହିଁ ଥାନଟି,
ଖାଇବାକୁ ଦାନା ମିଳୁନି ପେଟକୁ
କାହିଁ ରହିବ ତା' ମାନଟି !

ବଣ ମୁଲକ ତ ହୋଇଲାଣି ପଦା
ଗଛଟିଏ ଦେଖାଯାଉନି,
ଟାଙ୍ଗରା ଭୂଇଁରେ ରହିବା ପାଇଁକି
ମନକୁ ତାର ତ ପାଉନି ।

ନାତିନାତୁଣୀଏ ସରବେ ତାହାର
କେତେ ହନ୍ତସନ୍ତ ହୁଅନ୍ତି,
ଖେଳିବାକୁ ନାହିଁ ଭଲ ପଡିଆଟେ
ଅଭିଯୋଗ କରି କୁହନ୍ତି ।

ଗଛ କଟା ହୋଇ ତିଆରି ହେଲାଣି
କୋଠାବାଡି ମାଳ ମାଳ ଯେ
କଳକାରଖାନା ସହ ଧୂଆଁଧୂଳି
ଜିଇବା ପାଇଁ ତ କାଳ ଯେ ।

ଗାଡିମଟରର ପେଏଁ ପାଁ' ଶବଦ
ହାତୀ ଅଜା ସବୁ ସହୁଛି,
ନିଦରେ ଘଡିଏ ଶୋଇ ପାରୁନାହିଁ
ଦୁଃଖରେ କେତେ ସେ କହୁଛି ।

ବିଚାର କରିଲା ଦିନେ ଏକା ବସି
ଆଉ ରହିବନି ଉପାସେ,
ଯିବ ସେ ଗାଆଁକୁ ମାଗିବ ଲୋକଙ୍କୁ
ପେଟ ଚାଖଣ୍ଡକ ସକାସେ ।

କାଟିବେନି ଗଛ ଲଗାଇବେ ଚାରା
ସଭିଙ୍କୁ ବୁଝାଇ କହିବ,
ତେବେ ସିନା ଯାଇ ତା' ଘର ହସିବ
ଖୁସିରେ ସେ ପରା ରହିବ ।

ତାକୁ ଦେଖି ଲୋକେ ଡରିବେନି ଜମା
ଫିଙ୍ଗିବେନି ଟେକା ପଥର,
ହଟିବ ବିପଦ ଶାନ୍ତିରେ ସେ ଏବେ
ନିଃଶ୍ୱାସ ନେବଟି ଏଥର ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ମୋ ଅନାବନା ଗୀତ

ନୀଳମଣି ଚାନ୍ଦ

ଲିପୁ ଧରି ଖାଏ ଲିଚୁ
ପୁପୁ ଖାଏ ପଣସ
ଜାମୁ କୋଳି ଖାଇ ଜିତୁ
କହେ ଲାଗେ ଅଳସ
ଶାମ୍ଭ ଆମ୍ବ ଖାଉଛି
ସ୍କୁଲ୍ ବେଳ ହୋଇଗଲା
ତେଣୁ ବେଗେ ଯାଉଛି ।

ଅଙ୍ଗଦ ଖାଏ ଅଙ୍ଗୁର
ତା କିସମ ଚମନ
ସପେଟା ଖାଇବ ସିପୁ
ଦେବ ଯଦି ନମନ
ଅନୁ ଆତ ଖାଇବ
ଶିଖିଛି ସେ 'ଦୟାମୟ'
ଏ ପ୍ରାର୍ଥନା ଗାଇବ ।

ସିଲହଟ୍ କମଳାଟି
ଧରିଛିରେ କେଦାର
ସେ କମଳା ଭାରି ମିଠା
ତେଣୁ ପାଏ ଆଦର
ଫଳ ନାଆଁ କହିଲି
ଫୁପୁ ପରୀକ୍ଷା ଫଳକୁ
ଚାହିଁ ମୁଁ ଯେ ରହିଲି ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

### ଫୁଲ ପରି ଫୁଟି ହସି ହସାଇବା

ପ୍ରଶାନ୍ତ କୁମାର ରାଉଳ

ବିଶାଳ ସଂସାରେ ଶ୍ରେଷ୍ଠ ନର ଜନ୍ମ
ତହୁଁ ଶ୍ରେଷ୍ଠ ସୁକରମ
ପିତାମାତା ଗୁରୁ ହରି ପଦ ସେବା
ଆମରି ମୁଖ୍ୟ ଧରମ,
ସୁକର୍ମେ ଜୀବନ ଧନ୍ୟ
ଦୀନ ଜନ ସେବା ଜୀବ ପ୍ରତି ଦୟା
ଅରଜେ ମହା ପୁଣ୍ୟ ।

ଗୁଣ ଥିଲେ ସିନା ଗୁଣୀର ଆଦର
ଗୁଣ ହିଁ ସବୁରି ମୂଳ
ଗୁଣ ପଦୁଅଁଠି ବେଢ଼ି ରହିଛନ୍ତି
ସୁକର୍ମ ମଧୁପ ଦଳ,
ବିନୟ ମଧୁର ବଚନେ
ତୋଷି ସର୍ବ ଜନ ହେବା ଆପଣାର
ସ୍ନେହ ପ୍ରେମ କ୍ଷମା ଭୂଷଣେ ।

ପିତାମାତା ଗୁରୁଜନ ଆଜ୍ଞା ପାଳି
ପାଇବା ଶୁଭ ଆଶିଷ
ଫୁଲ ପରି ଫୁଟି ହସି ହସାଇବା
ସର୍ବେ ହୋଇବେ ସନ୍ତୁଷ୍ଟ,
ଦୁଷ୍ଟ ନୁହେଁ ହେବା ଶିଷ୍ଟ
ଦୀନ ଦୁଃଖି ମୁଖେ ମୁଠିଏ ଆହାର
ଦେଇ ତା ହରିବା କଷ୍ଟ ।

+ଅବସର ପ୍ରାପ୍ତ ଶିକ୍ଷକ
ଭଞ୍ଜକଲୋନୀ, ଜଲେଶ୍ୱର, ବାଲେଶ୍ୱର
ମୋ-୮୧୪୪୮୬୪୫୮୪

### ମନ ଲଗାଇ ପଢିବା ପାଠ...

ଗୋପୀନାଥ ଦାଶ

ପଢୁ ଥିଲେ ପାଠ ମନକୁ ଲଗାଇ
ସଫଳତା ଆସିଯାଏ
ଫୁଲରୁ ଫୁଲକୁ ଉଡେ ମହୁ ମାଛି
ମହୁଫେଣା ଦିନେ ହୁଏ ।

ଶାନ୍ତଶିଷ୍ଟ ନମ୍ର ସହୃଦୟ ହେଲେ
ପ୍ରଭୁ ଙ୍କ ଆଶିଷ ମିଳେ
ସାନକଢି ଟିଏ ଫୁଲଟିଏ ହୋଇ
ବାସନା ତାହାର ଖେଳେ ।

ଧୂପର ବାସନା ଘୋଡାଇକି ହୁଏ
ବ୍ୟାପିଯାଏ ଚାରି ଆଡ
ଅନ୍ତର ପ୍ରତିଭା ପ୍ରସ୍ଫୁଟିତ ହୁଏ
ମାନେ ନାହିଁ ବତାବାଡ ।

ଯେତେ ଯାହା ହେଉ ଛାଡିବନି କେବେ
ମନରୁ ସତ୍ୟର ବାଟ
ଶୀଘ୍ର ନ ହେଲେ ବି ବିଳମ୍ବରେ ସିଦ୍ଧି
ମିଳିବ ସତ୍ୟ ନିରାଟ ।

ନିସ୍ୱାର୍ଥ ଭାବରେ ସମୀର ବହଇ
ଜଗତ କଲ୍ୟାଣ ପାଇଁ
ବଡ ହୋଇ ତୁମେ ରାଷ୍ଟ୍ର ହିତ ପାଇଁ
ଦେବ ଯେ ସେବା ଯୋଗାଇ ।

+ବରପାଲିପଡ଼ା, ବଲାଙ୍ଗିର

### ଗଛ ସମ ବନ୍ଧୁ ନାହିଁରେ ନାହିଁ

ଅଶୋକ କୁମାର ପ୍ରଧାନ

ଥିରି ଥିରି ପାଦ ପକେଇ ମରତେ
କିଏ ସେ ଯାଉଛି ଏଠାରୁ ଚାଲି
ତା ପାଇଁ ସଭିଏଁ ମନେ ଦୁଃଖ ଭରି
ଆଖିରୁ ଝରାନ୍ତି ଲୋତକ ଖାଲି ।

ସେ ଯିବାର ଜାଣି ଏସନ ମରତେ
ଆସିଲାଣି ମାଡି ଡହକ ଖରା
ତତଲା ପବନ ସକାଳରୁ ସଞ୍ଜ
ଢାଳି ଡହକାଇ ଦେଲାଣି ଧରା ।

ତା ତେଜରେ ହେଇ ସିଝିଲେଣି ଦେଖ
ଗଛବୃଛ ବନ କଅଁଳ ଲତା
ଜୀବନ ବିକଳେ କଇଁ କଇଁ କାନ୍ଦି
ସରିଲାଣି ଏବେ ସବୁରି ସତ୍ତା ।

ପୋଖରୀ ଗଡିଆ ଜଳ ଶୁଖିଲାଣି
ଶୁଖିଲାଣି ପୁଣି ନଈର ଜଳ
ଖରାର ତେଜରେ ଶୁଖଇ ଜୀବନ
ସରିସରି ଯାଏ ଦେହରୁ ବଳ ।

ସାରା ଧରଣୀଟା ନିଆଁ ପରି ତାତି
ଫାଟି ବିକଳରେ କଲାଣି ଆ
ତଥାପି ଖରାର ତେଜ କମେ ନାହିଁ
କେଡେ ନିରିଦୟ ତତଲା ବାଆ ।

ପଥର ପଥିକ ଛାଇ ଟିକେ ଖୋଜି
ପାଉନି ଜମାରୁ ଗଛର ଛାଇ
ସଭିଏଁ କହନ୍ତି ଏ ଯନ୍ତର କାଳେ
ଗଛ ଛାଇ ଆମେ ପାଇବା କାହିଁ ।

ଚାଲରେ ସଭିଏଁ ଖରା ରୋକିବାକୁ
ପୋତିଦେବା ଆମେ ସବୁଠି ଗଛ
ଗଛ ପୋତି ଧରା ସବୁଜ ହୋଇଲେ
ଖରା କମି ବାୟୁ ହୋଇବ ସ୍ୱଚ୍ଛ ।

ଗଛ ପରି ଏଡେ ଉପକାରୀ ବନ୍ଧୁ
ଏଇ ଦୁନିଆରେ ପାଇବା କାହିଁ
କାଟନି କେ ଗଛ ନିରିଦୟ ହୋଇ
ଗଛ ସମ ବନ୍ଧୁ ନାହିଁ ରେ ନାହିଁ ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ବେହେରାପାଲିର କମ୍ୟୁନିଟି ହଲଠାରେ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବଲାଙ୍ଗିର, ୨୭/୦୯ (ନି.ପ୍ର): ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କନ୍ଧପାଲି ପଡ଼ା, ବଲାଙ୍ଗୀର ଯାହା (ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ) ତରଫରୁ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ବେହେରାପାଲି ର କମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଆଶା, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ମହିଳା ଆରୋଗ୍ୟ ସମିତିର ସମସ୍ତ ସଦସ୍ୟ ମାନେ ମିଶି ସମସ୍ତ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ ଓ ସହଯୋଗ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ର ମୂଳ ଉଦ୍ଦେଶ୍ୟ ଅଣସଂକ୍ରମକ ରୋଗର ଚିହ୍ନଟ ସହ ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା । ଏହି ସ୍ୱାସ୍ଥ୍ୟ ଶିବିରରେ ୧୫୦ ରୁ ଉର୍ଦ୍ଧ୍ୱ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରର ନିରୀକ୍ଷଣ ଡାକ୍ତର ଦିବ୍ୟ କିଶୋର ପତି କରିଥିଲେ। ରାମାନୁଜ ପଣ୍ଡା, ଅନିଲ ମହାକୁର ଯୋଗଦାନ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହ ଏହି ଶିବିରର ତଦାରଖ କରିଥିଲେ ।
ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ି ଓ ଭୀମ ଭୋଇ ମେଡିକାଲ କଲେଜ୍ ର ଡାକ୍ତର ମାନଙ୍କ ସମେତ ଷ୍ଟାଫ ନର୍ସ ସନ୍ତୋଷିନି କରନ, ରାଧାକାନ୍ତ ନାଏକ, ଫାର୍ମାସିଷ୍ଟ ଶାନ୍ତନୁ କୁମାର ସାହୁ, ଲ୍ୟାବ ଟେକନିଶିଆନ ପ୍ରମୋଦ ଥନପତି, ଡାଟା ଆସିଷ୍ଟାଂଟ ସୁମନ ଭାଟି, ସଗୀର ମହମ୍ମଦ, ମାନସ ହୋତା, ଫିଜିଓ ଥେରପିଷ୍ଟ ସତ୍ୟବ୍ରତ ସାହୁ ଓ ନ୍ୟୁଟ୍ରିସନିଷ୍ଟ ମଧୁମିତା ଲେଙ୍କା, ଶ୍ୱର୍ଜିତ୍ ଶତପଥୀ, ସୁଜ୍ଞାନ ବନ୍ତ ମିଶ୍ର ସହଯୋଗ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଦାନ୍ତ ଓ ମୁଖ ବିଶେଷଜ୍ଞ ଡାକ୍ତର ଶ୍ରେୟାସ୍ ପାଣିଗ୍ରାହୀ ଦାନ୍ତ ଓ ମୁଖ ର ସ୍ୱାସ୍ଥ୍ୟ ସେବା ଦେବା ସହ ଉପଯୁକ୍ତ ପରମର୍ଶ ଦେଇଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଓ ପରିଚାଳନାକୁ ଜାଗ୍ରତ ପାଣିଗ୍ରାହୀ ସୁନ୍ଦର ଭାବେ ପରିଚାଳନା କରିଥିଲେ।

# ପୁରୁଣା ପେନସନ ଲାଗୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୨୭/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସମସ୍ତ ସରକାରୀ ନୂତନ ପେନଶନ ଯୋଜନା ଭୁକ୍ତ କର୍ମଚାରୀ କେନ୍ଦ୍ରାପଡ଼ା ଶାଖା ତରଫରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘର ସଭାପତି ଅନନ୍ତ କୁମାର ପରିଡ଼ାଙ୍କ ନିକଟରେ ସଂପାଦକ ନିକୁଞ୍ଜ ବିହାରୀ ନାୟକଙ୍କ ସମେତ ଅଶ୍ୱିନୀ କୁମାର ରାଉତ, ସଂଗ୍ରାମ ସାହୁ, ମହେଶ୍ୱର ସାହୁ, ସଦାଶିବ ସାହୁ, ଦାଶରଥୀ ନାୟକ, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ ପେନଶନ ବଦଳରେ ପୁରୁଣା ପେନଶନ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ସଂଘ ତରଫରୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ରେ ନୂତନ ପେଶନ ଯୋଜନାରେ କର୍ମଚାରୀଙ୍କର ଉତରାଧିକାରୀମାନଙ୍କ ପାଇଁ କୌଣସି ସୁବିଧା ନଥିବାରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଥିସହିତ ମାସିକ ୩ରୁ ୪ ହଜାର ଟଙ୍କା ପେନଶନ ମିଳୁ ଥିବାରୁ ପରିବାର ପ୍ରତିପୋଷଣ କରିବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାସହିତ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସରକାରଙ୍କୁ ସେବା ଯୋଗାଇ ଯଦି ସରକାରୀ କର୍ମଚାରୀଙ୍କର ଭବିଷ୍ୟତ ଅନ୍ଧାରମୟ ହୁଏ ତେବେ ଏହା ଦୁଃଖ ଓ ପରିତାପ ର ବିଷୟ। ଏଣୁ ନୂତନ ପେନଶନ ବଦଳରେ ପୁରୁଣା ପେନଶନ ଲାଗୁ କରିବା ପାଇଁ ସଦାଶିବ ସାହୁ, ମଞ୍ଜୁଲତା ବେହେରା, ଅଜୟ କୁମାର ଦାସ, ସରୋଜ କାନ୍ତ ସ୍ୱାଇଁ ପ୍ରମୁଖ ଦାବି ଜଣାଇଛନ୍ତି।

# ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଦ୍ୱାରା ଦାବିପତ୍ର ପ୍ରଦାନ

ଜୟପୁର, ୨୭/୦୯ (ନି.ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସଂଘଙ୍କ ନିର୍ଦ୍ଦେଶ କ୍ରମେ ଆଜି ସନ୍ଧ୍ୟା ୫ଟା ସମୟରେ ମାନ୍ୟବର ଜିଲ୍ଲାପାଳ କୋରାପୁଟଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ଶହ ଶହ ଅଣଗେଜେଟେଡ୍ କର୍ମଚାରି କୋରାପୁଟ ଠାରେ ଉପସ୍ଥିତ ଥିଲେ । ସେମାନେ ଏକ ଶୋଭାଯାତ୍ରାରେ କଳା ନିକେତନ ଛକ ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଂଚି ଥିଲେ । ପୁରୁଣା ପେନସନ ଲାଗୁ କରିବା ନିମନ୍ତେ ସମସ୍ତ ଉପସ୍ଥିତ କର୍ମଚାରୀ ସରକାର ଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇଥିଲେ । ମୁଖ୍ୟତଃ ଦୀର୍ଘ ଦିନ ର ଦାବି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ପ୍ରଦାନ କରିବା ନେଇ ସେମାନେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିବା ସଂଘ ସଭାପତି ପ୍ରକାଶ କରିଥିଲେ । ଅପର ପକ୍ଷରେ ଜିଲ୍ଲା ସ୍ତରୀୟ କର୍ମଚାରି ମାନେ ଅବହେଳିତ, ନିର୍ଯ୍ୟାତିତ ଓ ନିଷ୍ପେସିତ ବୋଲି ସଂଘ ପକ୍ଷରୁ କୁହାଯାଇଛି । ପ୍ରକାଶ ଥାଉକି, ୨୦୦୫ ମସିହା ଠାରୁ ନିଯୁକ୍ତ ହୋଇଥିବା ସମସ୍ତ ବର୍ଗର କର୍ମଚାରୀ ପୁରୁଣା ପେନସନ ପାଇବାରୁ ବଂଚିତ ହେଉଛନ୍ତି ଯଦ୍ୱାରାକି ଅବସର ଗ୍ରହଣ କରିବା ପରେ ସେମାନେ ଆର୍ଥିକ ଅନାଟନରେ ଜୀବନ ବିତାଉଥିବା ସଂଘ ପକ୍ଷରୁ କୁହାଯାଇଛି ।

# ହରିଚନ୍ଦନପୁରଠାରେ ଟାଟା ଷ୍ଟିଲ ୟାଟ୍ସର ୧୮ତମ ସଂସ୍କରଣ ଆୟୋଜିତ

ହରିଚନ୍ଦନପୁର, ୨୭/୦୯ (ନି.ପ୍ର): ଟାଟା ଷ୍ଟିଲ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ ପରିଚାଳିତ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ହରିଚନ୍ଦନପୁର ଉଚ୍ଚ ବିଦ୍ୟାଳୟ ଓ ହରିଚନ୍ଦନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟଙ୍ଗ ଆଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ (ୟାଟ୍ସ)ର ୧୮ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍କୁଲର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସ୍କୁଲର ଶିକ୍ଷକମାନେ ଏହାକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ବିଶେଷ କରି ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଏହି ଅବସରରେ ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ସ୍ଥାନୀୟ ଅଂଚଳର ବରିଷ୍ଠ ସାମ୍ବାଦିକମାନଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ୟାଟ୍ସ ୨୦୨୪ର ବିଷୟ ବସ୍ତୁ ହେଉଛି 'ମହାକାଶ ଆପଣଙ୍କ ପରବର୍ତୀ ଗନ୍ତବ୍ୟ ସ୍ଥଳ ହେବ କି ? ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଓପନ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏଥିରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବହୁ ସମ୍ଭାବ୍ୟ ଉତର ଦିଆଯାଇଥିବା ପ୍ରଶ୍ନ (ଏମସିକ୍ୟୁ) ପରୀକ୍ଷା ମଧ୍ୟ ରହିଛି । ଉଭୟ କୁଇଜ୍ ଏବଂ ଏମସିକ୍ୟୁ ପରୀକ୍ଷା ବିଦ୍ୟାଳୟରେ ବ୍ୟକ୍ତିଗତ ଭାବରେ ପରିଚାଳିତ ହେବ । ଏହା ବ୍ୟତୀତ ଓପନ୍ କୁଇଜ୍ ଓ ଏମ୍ସିକ୍ୟୁ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଅନଲାଇନରେ ଲିଙ୍କକୁ ଯାଇ ପଞ୍ଜୀକରଣ କରିପାରିବେ । ୨୦୨୪ ଅଗଷ୍ଟ ୨୭ରେ ୟାଟ୍ସର ୧୮ତମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ଏହି ବହୁ ପ୍ରତୀକ୍ଷିତ ପଦକ୍ଷେପ ଓଡ଼ିଶାର ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ କରୁଛି । ଛାତ୍ରଛାତ୍ରୀମାନେ ମହାକାଶ ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହ ପ୍ରକାଶ କରିବା ସହିତ ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିପାରିବେ । ମହାନ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ଯେ କି ପଠାଣି ସାମନ୍ତ ଭାବେ ବେଶ୍ ପରିଚିତ । ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନକୁ ପ୍ରଶଂସା କରାଯାଏ । ତାଙ୍କ ଅବଦାନକୁ ପ୍ରୋତ୍ସାହିତ କରିବା ପାଇଁ ୟାଟ୍ସ ଲକ୍ଷ୍ୟ ରଖିଛି । ଡିସେମ୍ବର ୧୩, ୨୦୨୪ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ମନୋନୀତ ପ୍ରତିଯୋଗୀଙ୍କୁ ନିମନ୍ତ୍ରଣ କରାଯିବ । ସେହିଦିନ ହିଁ ବିଜେତାଙ୍କ ନାମ ଘୋଷଣା କରାଯାଇ ପୁରସ୍କୃତ କରାଯିବ । ୧୭ ବର୍ଷ ଧରି ମହାକାଶ ବିଜ୍ଞାନର ଚମତ୍କାର ଅନୁସନ୍ଧାନ କରିବାକୁ ୟାଟ୍ସ ଯୁବ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଦେଇଆସିଛି । ୨୦୨୪ ଜୁନ୍ ଶେଷ ସପ୍ତାହରେ ୟାଟ୍ସର ୧୭ତମ ସଂସ୍କରଣର ବିଜେତା ଛାତ୍ରଛାତ୍ରୀମାନେ ଅହମ୍ମଦାବାଦସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର (ଏସ୍?ଏସି) ପରିଦର୍ଶନ କରିଥିଲେ। ସେଠାରେ ସେମାନଙ୍କୁ ଏହି କେନ୍ଦ୍ରର ନିର୍ଦ୍ଦେଶକଙ୍କ ସମେତ ମହାକାଶ ବୈଜ୍ଞାନିକଙ୍କ ସହ ଛାତ୍ରଛାତ୍ରୀମାନଙ୍କୁ ଆଲୋଚନା କରିବାର ସୁଯୋଗ ପ୍ରଦାନ କରାଯାଇଥିଲା । ୟାଟ୍ସ ସହିତ ଏହି ଅବିଶ୍ୱସନୀୟ ଯାତ୍ରାର ଏକ ଅଂଶ ହୋଇ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଅତ୍ୟନ୍ତ ଗର୍ବିତ । ୟାଟ୍ସ ଭଳି ପଦକ୍ଷେପ ଆମ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମହାକାଶ ଯାତ୍ରା ସ୍ୱପ୍ନକୁ ପୂରଣ କରିବା ପାଇଁ ଅମୂଲ୍ୟ ସୁଯୋଗ ପ୍ରଦାନ କରିଛି ବୋଲି ଉଭୟ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀମାନେ କହିଛନ୍ତି ।

# ତିନି ଜଣ ଶିକ୍ଷକରେ ଚାଲିଛି ଆଶ୍ରମ ବିଦ୍ୟାଳୟରେ ପାଠପଢ଼ା: ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ

ମାଲକାନଗିରି, ୨୭/୦୯ (ନି.ପ୍ର): ରାଜ୍ୟରେ ସରକାର ଶିକ୍ଷାର ଉନ୍ନତିକରଣ ପାଇଁ ଯେଉଁ ଉଦ୍ୟମ କରୁଛନ୍ତି ତାହା କେବଳ ଲୋକ ଦେଖାଣିଆ ବୋଲି ଅଭିଭାବକ ମହଲରେ ଅଭିଯୋଗ ହେଉଅଛି । ଗୋଟିଏ ପଟେ ଶିକ୍ଷାର ବିକାଶ ନିମନ୍ତେ ଭିତିଭୂମିର ଉନ୍ନତିକରଣ କରିବା ନିମନ୍ତେ ବିଭିନ୍ନ ଯୋଜନା କରାଯାଇଥିବା ବେଳେ ଛାତ୍ରଛାତ୍ରୀମାନଂକୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ପୋଷାକ, ପୁସ୍ତକ ପ୍ରଦାନ କରାଯିବା ସହ ମଧ୍ୟାହ୍ନ ଭୋଜନ ଦିଆଯାଉଛି ଏପରିକି ହଷ୍ଟେଲ କରାଯାଇ ରହିବା ଓ ଖାଇବାର ବ୍ୟବସ୍ଥା ରହିଛି । ଏତେ ସବୁ ସୁବିଧା ସତ୍ତ୍ୱେ ଶିକ୍ଷାର ପ୍ରକୃତ ଭିତିଭୂମି କୁହାଯାଉଥିବା ଶିକ୍ଷକଙ୍କ ଅଭାବକୁ ସରକାର ଦୂର କରିପାରୁନଥିବା ଦୁର୍ଭାଗ୍ୟଜନକ ବୋଲି ଅଭିଭାବକମାନେ ମତ ଦେଇଛନ୍ତି । ସେହିଭଳି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପାଲି ଆଶ୍ରମବିଦ୍ୟାଳୟ ଏବଂ କାଲିମେଳା ବ୍ଲକର ରାଜଗିରି ଆଶ୍ରମ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବାକୁ ଆଶ୍ରମ ବିଦ୍ୟାଳୟରେ ନାହାନ୍ତି ଆବଶ୍ୟକ ମୁତାବକ ଶିକ୍ଷକ କ୍ଷ ଫଳରେ ଶିକ୍ଷାଦାନ ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସମସ୍ୟାର ସମାଧାନ ପାଇଁ ଗଣମାଧ୍ୟମ ଜରିଆରେ ଭୁବନପାଲି ସରପଂଚ ପୁଷ୍ପାଞ୍ଜଳୀ ମାଡକାମୀ, ଜଗା ମାଡ଼ି, କାନା ମାଡକାମୀ, ବିପିନ ସାଣ୍ଡି, ରାମଚନ୍ଦ୍ର ବେଟି ସହ ଅନ୍ୟ ଗ୍ରାମବାସି ସରକାରଙ୍କୁ ଶିକ୍ଷକ ବୃଦ୍ଧି ପାଇଁ ଗୁହାରି କରିଛନ୍ତି ।
ଗ୍ରାମବାସିଙ୍କ କହିବା ଅନୁଯାୟୀ, ଭୁବନପାଲି ଆଶ୍ରମ ବିଦ୍ୟାଳୟରେ ୨୧୦ ଜଣ ଛାତ୍ରଛାତ୍ରୀ ଥିବା ବେଳେ ପ୍ରଧାନଶିକ୍ଷକଙ୍କ ସମେତ ଏଠାରେ କେବଳ ତିନି ଜଣ ଶିକ୍ଷକ ରହିଛନ୍ତି ସେହିପରି କାଲିମେଳା ବ୍ଲକର ରାଜଗିରି ଆଶ୍ରମ ବିଦ୍ୟାଳୟରେ ୨୯୪ ଜଣ ଛାତ୍ରଛାତ୍ରୀ ଥିବାବେଳେ ଏଠାରେ ମଧ୍ୟ ପ୍ରଧାନଶିକ୍ଷକ ଏବଂ ଦୁଇ ଜଣ ଶିକ୍ଷକ ରହିଛନ୍ତି । ଏହି ଦୁଇ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟର ଅନ୍ୟ କାମରେ ବ୍ୟସ୍ତ ରହୁଥିବା ବେଳେ ଏଠାରେ କେବଳ ଦୁଇ ଜଣ ଶିକ୍ଷକ ହିଁ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଯାହାକୁ ନେଇ ଏହି ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଏବେ ଚିନ୍ତାରେ ଅଭିଭାବକ । ଏହି ବିଷୟରେ ମାଲକାନଗିରି ଡିଡବ୍ଲୁଓଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଜିଲ୍ଲାର କିଛି ବିଦ୍ୟାଳୟରେ ଏହିଭଳି ସମସ୍ୟା ଦେଖିବାକୁ ମିଳିଛି । ଆମେ ଆଗାମୀ କିଛି ଦିନରେ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟ ଗୁଡିକରେ ଗେଷ୍ଟ ଶିକ୍ଷକ ନିଯୁକ୍ତି କରିବୁ ବୋଲି ଲକ୍ଷ୍ୟ ରଖିଛୁ । ତା ସହ ଯେଉଁ ବିଦ୍ୟାଳୟରେ ଅଧିକ ଶିକ୍ଷକଶିକ୍ଷୟତ୍ରୀ ଅଛନ୍ତି ସେଠାରୁ ସେହି ଶିକ୍ଷକଶିକ୍ଷୟତ୍ରୀ ମାନଙ୍କୁ ଆଗାମୀ ଦିନରେ କମ ଶିକ୍ଷକ ଥିବା ବିଦ୍ୟାଳୟରେ ନିଯୁକ୍ତି କରିବୁ ବୋଲି କହିଛନ୍ତି ।

# ଚଣ୍ଡୀପାଠରେ କମ୍ପୁଛି ଶ୍ରୀମନ୍ଦିର ସମେତ ବିଭିନ୍ନ ଦେବୀ ପୀଠ

ପୁରୀ, ୨୭/୦୯ (ନି.ପ୍ର): ଶ୍ରୀମନ୍ଦିର ସମେତ ଜିଲ୍ଲାର ବିଭିନ୍ନ ଦେବୀ ପୀଠରେ ୨୪ ତାରିଖ ଆଶ୍ୱିନ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥି ତଥା ମୂଳାଷ୍ଟମୀ ଠାରୁ ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ସମେତ ଜିଲ୍ଲାର ବିଭିନ୍ନ ଦେବୀ ପୀଠରେ ଶ୍ରୋତ୍ରିୟ ବ୍ରାହ୍ମଣ ମାନଙ୍କ ଦ୍ୱାରା ଚଣ୍ଡୀପାଠ କରାଯାଉଛି । ଏହି ଚଣ୍ଡୀପାଠ ଯୋଗୁଁ ସେଠାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଆଜି ଷୋଳପୂଜାର ତୃତୀୟ ଦିନରେ ମା ଙ୍କ ବେଶ ପୂଜା ସହ ପଂଚ ଉପଚାର ମନ୍ତ୍ରରେ ବିଧି ପାଳନ ହେଉଛି । ଶ୍ରୀମନ୍ଦିରସ୍ଥ ମା ବିମଳାଙ୍କ ମନ୍ଦିରରେ ଷୋଳପୂଜା ନିଷ୍ଠାର ସହ ଚାଲିଛି । ଷୋଳପୂଜାର ପ୍ରଥମ ଆଠ ଦିନ ମା ବିମଳାଙ୍କ ମନ୍ଦିରରେ ଖଟ ଉପରେ ଦୁର୍ଗା ଓ ମାଧବଙ୍କୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯିବ । ନବମୀ ଦିନ ଦୁଇ ମୂର୍ତି ରଥ ଉପରେ ବସି ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ବିଜେ କରିବେ । ସପ୍ତମୀ, ଅଷ୍ଟମୀ ଓ ନବମୀରେ ନିଶାର୍ଦ୍ଧରେ ଶଙ୍ଖୁଡ଼ି ଭୋଗ ଓ ପୂଜାର୍ଚ୍ଚନା କରାଯିବ । ଏହି ତିନି ଦିନ ରାତି ୩ଟାରେ ବଳି ଭୋଗ ଦିଆଯିବ । ଷୋଳପୂଜାର ଷୋଳ ଦିନ ମା ବିମଳାଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଛି ।
ଷୋଳଦିନ ବ୍ୟାପୀ ବିଭିନ୍ନ ଦେବୀ ପୀଠରେ ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ଚଣ୍ଡୀପାଠ ଓ ପୂଜାର୍ଚ୍ଚନା କରାଯାଉଛି । ପୁରୀ ସହରରେ କାଳିକା ଦେବୀ ସାହିରେ ଥିବା ଦକ୍ଷୀଣକାଳୀ ମନ୍ଦିର, ବାଲିସାହି ଛକ ନିକଟରେ ଥିବା କାକୁଡ଼ି ଖାଇ ମନ୍ଦିର, ଅଠରନଳା ସ୍ଥିତ ଅଲାମ ଚଣ୍ଡୀ ମନ୍ଦିରରେ, ବୀରଗୋବିନ୍ଦପୁର ସ୍ଥିତ ମା ଦକ୍ଷିଣ କାଳୀ ମନ୍ଦିର, ବୀର ନରସିଂହପୁର ସ୍ଥିତ ମା ଦକ୍ଷିଣ କାଳୀ ମନ୍ଦିର, ସମଯାଜପୁର ସ୍ଥିତ ମା କାଳୀ ମନ୍ଦିର, ବ୍ରହ୍ମଗିରିର ମା ବାଳିହରଚଣ୍ଡୀ, କୋଣାର୍କ ସ୍ଥିତ ରାମଚଣ୍ଡୀ ମନ୍ଦିର, କାକଟପୁର ସ୍ଥିତ ମା ମଙ୍ଗଳା ମନ୍ଦିର ଏବଂ ଅନ୍ୟାନ୍ୟ ଦେବୀ ପୀଠରେ ଚଣ୍ଡୀ ପାଠ ଓ ପୂଜାର୍ଚ୍ଚନା ଚାଲିଛି । ଅକ୍ଟୋବର ୧୩ ତାରିଖ ମୃଣ୍ମୟୀ ଦେବୀଙ୍କ ଦଶହରା ପୂଜା ଅନୁଷ୍ଠିତ ହେବ ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ଜୟପୁର, ୨୭/୦୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଫାମ୍ପୁଣୀ ପଂଚାୟତର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫାମ୍ପୁଣୀ କ୍ଲଷ୍ଟର ର ୧୮ଟି ବିଦ୍ୟାଳୟରୁ ପାଖାପାଖି ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ, ସଂଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଫାମ୍ପୁଣୀ କ୍ଲଷ୍ଟରର ଆଂଚଳିକ ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଉଦଘାଟନ କରାଯାଇଥିଲା।
ଏହି ଅବସରରେ ଅନ୍ତା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକୁନ୍ଦ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ, ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ମିଶ୍ର, ସାଗରିକା ମହାପାତ୍ର, ସସ୍ମିତା ରଥ, ଜ୍ୟୋତିରାଣୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଶୁଭାରମ୍ଭ କରିଥିଲେ । ସେହିପରି ଅପରାହ୍ନରେ ଉଦଯାପନୀ ସଭାରେ ସ୍ଥାନୀୟ ସରପଂଚ ବାବୁଲା ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଯେଉଁ ଛାତ୍ରଛାତ୍ରୀମାନେ କ୍ଲଷ୍ଟର ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆସନ୍ତା ଅକ୍ଟୋବର ୪ ତାରିଖ ଦିନ ବ୍ଲକ ସ୍ତରରେ ଭାଗ ନେବେ ବୋଲି ମୁଖ୍ୟ ଅତିଥି ଜଣାଇ ଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ନାୟକ, ଶିକ୍ଷକ ଅଜିତ ଶତପଥୀ, ଗୁପ୍ତ ପଟ୍ଟନାୟକ, ହରିହର ପଟ୍ଟନାୟକ, ଅଭିପ୍ସା ପାତ୍ର, ନିତୁ ପଣ୍ଡା, କାହ୍ନୁଚରଣ ତ୍ରିପାଠୀ, ସୁସ୍ମିତା ପାଢ଼ୀ, ମନୋରଞ୍ଜନ ପଲାଇଙ୍କ ସମେତ ଫକ୍ଷମ୍ପୁଣୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# କନ୍ଧମାଳ ଜିଲ୍ଲାର ସାଂଗଠନିକ ସମ୍ମିଳନୀ

ଭୁବନେଶ୍ୱର, ୨୭/୦୯ (ନି.ପ୍ର): ଶଙ୍ଖ ଭବନରେ ଆୟୋଜିତ କନ୍ଧମାଳ ଜିଲ୍ଲା ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ଶ ନବୀନ ପଟ୍ଟନାୟକ ଯୋଗ ଦେଇ ଜିଲ୍ଲାର କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସଂଗଠନ ବିଷୟରେ ସିଧାସଳଖ ଆଲୋଚନା କରିଛନ୍ତି । ଏହି ସଭାରେ ଜିଲ୍ଲା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟକ ଚକ୍ରପାଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ରାଜୀବ ପାତ୍ର, ଦୁଗୁନୀ କହଁର, ବରିଷ୍ଠ ନେତା କମଳା ପାଣ୍ଡେ, ସରୋଜ କର୍ଣ୍ଣ, ଜୟଶ୍ରୀ କହଁର, ପ୍ରମୋଦ କୁମାର ସାହୁଙ୍କ ସମେତ ନିର୍ବାଚିତ ପ୍ରତିନିଧିବୃନ୍ଦ ଯୋଗ ଦେଇ ଦଳୀୟ ସଂଗଠନ ସଂପର୍କରେ ମତାମତ ପ୍ରଦାନ କରିଥିଲେ । କନ୍ଧମାଳ ଜିଲ୍ଲାର ନେତୃମଣ୍ଡଳୀ ତାଙ୍କ ଅଭିଭାଷଣରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ଗତ ନିର୍ବାଚନରେ ଦଳର କିଛି ବରିଷ୍ଠ ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ବିଜେପିର ମିଛ ପ୍ରଚାର ଯୋଗୁ ଆମେ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ବିଜୟ ଲାଭ କଲେ ମଧ୍ୟ ଅନ୍ୟ ଦୁଇଟି ନିର୍ବାଚନ ମଣ୍ଡଳୀରେ ପରାଜୟ ବରଣ କଲେ । ଆଗାମୀ ଦିନରେ ସାଙ୍ଗଠନିକ ତ୍ରୁଟିକୁ ସଂଶୋଧନ କରି ଦଳ କିଭଳି ମଜଭୁତ ହୋଇପାରିବ ସେ ସଂପର୍କରେ ବିସ୍ତୃତ ପ୍ରସ୍ତାବ ଦେଇଥିଲେ । ଏହି ସଭାରେ ଶ୍ରୀ ନବୀନ ପଟ୍ଟନାୟକ କହିଲେ, "ଆପଣମାନେ ବହୁ ପରିଶ୍ରମ କରିବା ସତ୍ତ୍ୱେ ଦଳ ଜିଲ୍ଲାରେ ଆଶାନୁରୂପ ପ୍ରଦର୍ଶନ କରିପାରିଲା ନାହିଁ । ଖୁବ କମ୍ ବ୍ୟବଧାନରେ ଆମକୁ ଦୁଇଟି ଆସନରେ ପରାଜୟବରଣ କରିବାକୁ ପଡିଲା । କନ୍ଧମାଳ ଜିଲ୍ଲାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି । ଆପଣମାନଙ୍କ ସହ ଅଛି ଏବଂ ଆଗାମୀ ଦିନରେ ମୁଁ କନ୍ଧମାଳ ଜିଲ୍ଲା ଗସ୍ତ କରିବି । ଜିଲ୍ଲାର ନେତୃମଣ୍ଡଳୀ ଏକ ହୋଇ ଲୋକଙ୍କ ସୁଖଦୁଃଖରେ ନିଜକୁ ସାମିଲ କରନ୍ତୁ ଏବଂ ବିଜେପି ସରକାରର ବିଫଳତାକୁ ଲୋକଲୋଚନକୁ ଆଣନ୍ତୁ । ବର୍ଷା ଛାଡିଲେ ଆପଣମାନଙ୍କ ଅନୁରୋଧକୁ ରକ୍ଷା କରି ମୁଁ ଆପଣଙ୍କ ଅଂଚଳକୁ ଯିବି" । ଏହିସଭାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ "କନ୍ଧମାଳ ଜିଲ୍ଲାରେ ଆଜି ବି ବିଜୁ ଜନତା ଦଳ ଏବଂ ଆମ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ଭଲ ପାଇବା ଅଛି । ତୃଣମୂଳ ସ୍ତରରୁ ଏକତାବଦ୍ଧ ଭାବେ ସମସ୍ତେ କାମ କଲେ ଆମାଗୀ ପଂଚାୟତ ନିର୍ବାଚନରେ ଦଳ ସଫଳତା ହାସଲ କରିପାରିବ" ।

# ବୋର୍ଡ଼ା ସେକ୍ଟର ସାଲେଗାଠାରେ ପୋଷଣ ମାସ ପାଳିତ

ଭବାନୀପାଟଣା, ୨୭/୦୯ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବୋର୍ଡ଼ା ସେକ୍ଟର ସାଲେଗା ଠାରେ ଶିଶୁ ବିକାଶ ଯୋଜନା ତରଫରୁ ପୋଷଣ ମାସ ୨୦୨୪ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଦୀପ ପ୍ରଜ୍ୱଳନ କରିଥିଲେ ସମ୍ମାନିତ ଅତିଥି ସ୍ଥାନୀୟ ସରପଂଚ ଅନୁରାଧା ତାଣ୍ଡି, ଅଂଚଳ ପରିଦର୍ଶକା ଚନ୍ଦ୍ରିକା ଦୁର୍ଗା, ଅଙ୍ଗନୱାଡି କର୍ମୀ ସବିତାଞ୍ଜଳି ମହାପାତ୍ର, ଆହ୍ଲାଦିନି ପଧାନ, ଅଶୋକା ମଞ୍ଜରୀ ନାଏକ, ରେବତୀ ତାଣ୍ଡି, ହେମ ବତୀ ନାଏକ, ପାମା ଯାନୀ ଭାନୁ ପ୍ରିୟ ନାଏକ ସମେତ ସମସ୍ତ କର୍ମୀ, ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା, ୱାର୍ଡ ମେମ୍ବର ଉପସ୍ଥିତ ରହିଥିଲେ। କିଶୋର ବାଳିକା ମାନଙ୍କ ମଧ୍ୟରେ, ନୃତ୍ୟ, ସଂଗୀତ ପରିବେଷଣ କରାଯାଏ କାର୍ଯ୍ୟକ୍ରମକୁ ରଙ୍ଗରଙ୍ଗ କରାଯାଇଥିଲା. ମୁଖ୍ୟ ଅତିଥିଙ୍କ ପ୍ରାରମ୍ଭିକ ଭାଷଣ ପରେ ଅଂଚଳ ପରିଦର୍ଶକା ପୋଷଣ କାର୍ଯ୍ୟକ୍ରମରେ କିପରି ଗର୍ଭବତୀ, ପ୍ରସୂତି, ଶିଶୁ ମାନଙ୍କର ପୃଷ୍ଟି ସାଧନ ହୋଇ, ସୁସ୍ଥ, ସବଳ ହୋଇ ପାରିବେ, ପୃଷ୍ଟିହୀନତା ରୁ ନିରାକରଣ ହୋଇପାରବ ବୋଲି ସମସ୍ତଙ୍କୁ ସଚେତନତା ବାର୍ତା ପ୍ରଦାନ କରାଯାଇଥିଲା। ସ୍ୱଚ୍ଛତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ଓ ଶପଥ ପାଠ କରାଯାଇଥିଲା। ରଙ୍ଗରଙ୍ଗ ପରିବେଶରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ଏବଂ ରଙ୍ଗରଙ୍ଗ କାର୍ଯ୍ୟକ୍ରମରେ ସମାଜସେବି ଜୟକୃଷ୍ଣ ବେହେରା ଓ ହେରେମ୍ବର ଭୋଇ ମଂଚ ପରିଚାଳନା କରିଥିଲେ ଏବଂ ଅଙ୍ଗନୱାଡି କର୍ମୀ ଶ୍ରୀମତୀ ରେବତୀ ତାଣ୍ଡି ସଭାକୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଏ ସଭା କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

# ପୁରୀରେ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ ଅନୁଷ୍ଠିତ

ପୁରୀ, ୨୭/୦୯ (ନି.ପ୍ର): ସ୍ୱଚ୍ଛତା ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି କହିଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି ଆର ପାଟିଲ। ଆଜି ସତ୍ୟବାଦୀ ବ୍ଲକ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପଡିଆ ଠାରେ ରାଜ୍ୟ ସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପାଟିଲ ମହାତ୍ମାଗାନ୍ଧୀ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ୨୦୧୪ ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛତା ପାଇଁ ଲାଲକିଲ୍ଲାରୁ ଆହ୍ୱାନ ଦେବା ବେଳେ କେତେକ ଏହାକୁ ଗ୍ରହଣ କରି ପାରି ନ ଥିଲେ। କିନ୍ତୁ ସେ ଏହାକୁ ସେବା ବୋଲି ଅଭିହିତ କରି ସମସ୍ତଙ୍କ ପାଇଁ ସ୍ୱଚ୍ଛତା କେତେ ଜରୁରୀ ତାହା ପ୍ରତିପାଦିତ କରିଛନ୍ତି। ପରିମଳ ପାଇଁ ଲୋକମାନେ ଅନେକ ଅସୁବିଧା ର ସମ୍ମୁଖୀନ ହେବା ସହ ରୋଗରେ ପଡୁଥିଲେ ଓ ମୃତ୍ୟୁ ବରଣ ମଧ୍ୟ କରୁଥିଲେ। ବର୍ତମାନ ପ୍ରତ୍ୟେକଙ୍କ ଘରେ ଶୌଚାଳୟ ହେବା ଦ୍ୱାରା ସମସ୍ତେ ବିଶେଷ କରି ମହିଳା ମାନେ ସର୍ବାଧିକ ଉପକୃତ ହେଉଛନ୍ତି। ଆବାସ ଯୋଜନାରେ ୩ କୋଟି ଗୃହ ଯୋଗାଇ ଦିଆଯିବ। ସେଥିରୁ ଗ୍ରାମାଂଚଳ ପାଇଁ ୨ କୋଟି ଆବାସ ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ। ପ୍ରାରମ୍ଭରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସ୍ୱଚ୍ଛତା ପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ପ୍ରତି ଘରେ ଶୌଚାଳୟ ସହ ପାନୀୟ ଜଳ ଯୋଗାଣ ର ବ୍ୟବସ୍ଥା କରାଯାଉଛି। ଆଗାମୀ ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯିବ। ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ ବୋଲି କହିବା ସହ ଆଗାମୀ ୬ ମାସ ମଧ୍ୟରେ ସର୍ଭେ କରାଯାଇ ୨୦ ଲକ୍ଷ ଗରିବ ଲୋକଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ଶେଷରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜଳ ଶକ୍ତି ମନ୍ତ୍ରଣାଳୟର ଓଏସଡି ଅଶୋକ କୁମାର ମିନା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନି ଯୋଗ ଦେଇଥିଲେ। ଏହି ଅବସରରେ ତରଳ ବର୍ଯ୍ୟବସ୍ତୁ ପରିଚାଳନା ପାଇଁ ଖୋର୍ଦ୍ଧା ଜିଲ୍ଲା, କଠିନ ବର୍ଯ୍ୟବସ୍ତୁ ପରିଚାଳନା ପାଇଁ ସୁନ୍ଦରଗଡ ଜିଲ୍ଲା, ଗୋଷ୍ଠୀ ସହଭାଗିତା ପାଇଁ ପୁରୀ ଜିଲ୍ଲା ଓ ସାମଗ୍ରିକ ସ୍ୱଚ୍ଛତା ପାଇଁ ନୂଆପଡ଼ା ଜିଲ୍ଲା କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରଣା, ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ସେହିପରି ପଂଚାୟତ ସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନ୍ଦରଗଡ ଜିଲ୍ଲାର କଚରୁ, ଗଞ୍ଜାମ ଜିଲ୍ଲାର ଚମ୍ପାଖଣ୍ଡି, ନୂଆପଡ଼ା ଜିଲ୍ଲାର ଭାଲେଶ୍ୱର, ଯାଜପୁର ଜିଲ୍ଲାର ସୁଜନପୁର ଓ ପୁରୀ ଜିଲ୍ଲାର ବିଦ୍ୟାଧରପୁର ପଂଚାୟତକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ସ୍ଥଳରେ ପ୍ରସ୍ତୁତ ୧୦ ଗୋଟି ପ୍ରଦର୍ଶନୀ ମଣ୍ଡପ କୁ ଅତିଥି ମାନେ ବୁଲି ଦେଖିବା ସହ ସ୍ୱଚ୍ଛତା ମିତ୍ର ଙ୍କୁ ସୁରକ୍ଷା ପିପିକିଟ୍ ପ୍ରଦାନ କରି ସେମାନଙ୍କ ସହ ବାର୍ତାଳାପ କରିଥିଲେ। ପୂର୍ବରୁ ଅତିଥି ମାନେ ସୁଆଣ୍ଡୋ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ଜନ୍ମ ପୀଠ ପରିଦର୍ଶନ, ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଧରପୁର ପଂଚାୟତର ବିଭିନ୍ନ ପ୍ରକଳ୍ପ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ।
ଅନ୍ୟ ମାନଙ୍କ ମଧ୍ୟରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ଅତିରିକ୍ତ ନିର୍ଦ୍ଦେଶକ ଚକ୍ରବର୍ତୀ ସିଂ ରାଠୋର, ଏସ ପି ପିନାକ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୂର୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ପାଗଳ ବିଲୁଆ କାମୁଡାରେ ୨୦ରୁ ଉର୍ଦ୍ଧ୍ୱ ଆହତ

ଗଞ୍ଜାମ, ୨୭/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ର ହାତୀଓଟ ପଂଚାୟତର ହାତୀଓଟ, କେମାଦେଇପୁର ଶାସନ ପ୍ରାଣଦେଇପୁର ଶାସନରେ ଦିନକ ମଧ୍ୟରେ ୨୦ ରୁ ଉର୍ଦ୍ଧ ବ୍ୟକ୍ତି ପାଗଳ ବିଲୁଆ କାମୁଡାରେ ଆହତ ହୋଇ ପୋଲସରା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଅଂଚଳରେ ପାଗଳ ବିଲୁଆ ପାଇଁ ଜନସାଧାରଣ ଆତଙ୍କିତ ହେବାସହ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଜଂଗଲ ବିଭାଗ ପକ୍ଷରୁ ପାଗଳ ବିଲୁଆକୁ କାବୁ କରିବାକୁ ସାଧାରଣରେ ଦାବି ହେଉଛି ।

# ବର୍ଷୀୟାନ ବୁଦ୍ଧିଜୀବୀ ସାରଦା ପ୍ରସାଦ ମହାନ୍ତିଙ୍କ ପରଲୋକ



ବାରିପଦା, ୨୭/୯ (ନି.ପ୍ର): ବାରିପଦା ସହରର ବର୍ଷୀୟାନ ବୁଦ୍ଧିଜୀବୀ ସାରଦା ପ୍ରସାଦ ମହାନ୍ତିଙ୍କ ପରଲୋକ ଘଟିଛି । ଲାଲ ବଜାର ସ୍ଥିତ ବାସ ଭବନରେ ଶୁକ୍ରବାର ପ୍ରାତଃ ୬ଘଟିକା ସମୟରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କର ୯୨ବର୍ଷ ବୟସ ହୋଇଥିଲା । ସେ ପୂର୍ତ୍ତ ବିଭାଗର ସ୍ପେଶାଲକ୍ଲାସ କଣ୍ଟ୍ରାକ୍ଟର ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ତାଙ୍କ ଉଦ୍ୟମରେ ୧୯୭୪ମସିହାରେ ତକତପୁର ଠାରେ ରବର ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ନିଜକୁ ନିୟୋଜିତ କରି ରାଜ୍ୟର ସର୍ବପ୍ରଥମ ଚପଲ କାରଖାନା ବାରିପଦାର ୟୁନିକ ରବର ଚପଲ କାରଖାନା ପ୍ରତିଷ୍ଠା କରିଥିଲେ । ଯାହାକି ରାଜ୍ୟରେ ବେଶ ଲୋକପ୍ରିୟତା ହାସଲ କରିଥିଲା । ଏଥି ସହିତ ସ୍ୱର୍ଗତ ଶ୍ରୀ ମହାନ୍ତି ମୟୁରଭଞ୍ଜ ଶିଳ୍ପ ମାଲିକ ସଂଘର ସଭାପତି ସମେତ ରାଜ୍ୟ ଶିଳ୍ପ ମାଲିକ ସଂଘର ଉପ ସଭାପତି ଭାବେ ଦାୟିତ୍ୱ ବହନ କରି ରାଜ୍ୟରେ ବେଶ ଚର୍ଚ୍ଚିତ ହୋଇଥିଲେ । ଏହା ସହିତ ଭେଟରାନ ଖେଳାଳି ସଂଘର ସଭାପତି, ରୋଟାରୀ କ୍ଲବର ସଭାପତି, ରାଜ୍ୟର ସର୍ବ ପୁରାତନ ପାଠାଗାର ଶ୍ରୀରାମଚନ୍ଦ୍ର ପାଠାଗାରର ଦୀର୍ଘ ୧୨ବର୍ଷ ଧରି ସଭାପତି ରହି ଆସିଥିଲେ । ସେ ବାରିପଦା ସହରରେ ଚିର ପରିଚିତ ଥିବା ବେଳେ ଜଣେ ବର୍ଷୀୟାନ ବୁଦ୍ଧିଜୀବୀ ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ । ବାର୍ଦ୍ଧକ୍ୟ ଜନିତ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ଥିବା ବେଳେ ତାଙ୍କର ବିୟୋଗ ଘଟିଛି । ତାଙ୍କର ବିୟୋଗରେ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି । ଲାଲବଜାର ସ୍ଥିତ ବାସଭବନରେ ବୁଦ୍ଧିଜୀବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ରାଜନୈତିକ ଦଳର ପ୍ରତିନିଧି, ସାମ୍ବାଦିକ, ଶୁଭେଚ୍ଛୁ ଓ ବିଭିନ୍ନ ମହଲର ଜନସାଧାରଣ ମାନେ ଉପସ୍ଥିତ ରହି ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ରାସ୍ତା ନଥିବାରୁ ଖଟିଆରେ ବୁହା ହେଲେ ରୋଗୀ



ଜଳେଶ୍ୱର , ୨୭/୯ (ନି.ପ୍ର): ରାସ୍ତା ନଥିବାରୁ ଦଉଡିଆ ଖଟିଆରେ ଦୁଇ କିଲୋମିଟର ବୁହା ହୋଇ ଆମ୍ବୁଲାନ୍ସ ପାଖକୁ ଗଲେ ରୋଗୀ,ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ବାଣିଦା ଗ୍ରାମର ହରିଜନ ସାହିରେ, ରାସ୍ତା ନଥିବାରୁ ଗାଁ କୁ ଯାଇ ପାରିଲାନି ଆମ୍ବୁଲାନ୍ସ, ଗାଁ ଠାରୁ ୨ କିଲୋମିଟର ଦୁରରେ ରହିଲା ଆମ୍ବୁଲାନ୍ସ, ପରିବାର ଲୋକେ ଦଉଡିଆ ଖଟିଆରେ କାନ୍ଧରେ ରୋଗୀକୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ,ବାଣିଦା ଗ୍ରାମର ଆଦୀବାସୀ ସାହିରେ ୨୦୦ ରୁ ଅଧିକ ପରିବାର ବସବାସ କରନ୍ତି, ରାସ୍ତା ନଥିବାରୁ ଗ୍ରାମବାସୀ ବାରମ୍ବାର ରାସ୍ତା ପାଇଁ ଦାବି କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି,ଆଜି ଗ୍ରାମର ଆକାଶ ଜେନାଙ୍କ ଦେହ ହୃଦଘାତ ହୋଇ ଅସୁସ୍ଥ ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ, ମାତ୍ର ଆମ୍ବୁଲାନ୍ସ ଗାଁ ଠାରୁ ୨ କିଲୋମିଟର ଦୁରରେ ରହିବାରୁ ପରିବାର ଲୋକେ ଆଣ୍ଠୁଏ ପାଣିରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନେଇଥିଲେ ।

# ରକ୍ତତୀର୍ଥ ଇରମରେ ୮୨ ତମ ଶହୀଦ ସ୍ମୃତି ଦିବସ ଆଜି



ବାସୁଦେବପୁର, ୨୭/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ରେ ଆସନ୍ତା କାଲି ସେପଟ୍ମେର ୨୮ ତାରିଖ ରେ ୮୨ ତମ ଶହୀଦ ସ୍ମୃତି ଦିବସ ପାଳିତ ହେବାକୁ ଯାଉଛି । ଏହି ଉତ୍ସବ ରେ ସକାଳ ଆଠ ଘଟିକାରେ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ । ଶହୀଦ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁ ପାଲି । ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ବାସୁଦେବପୁର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ମଧ ଅତିଥି ଭାବେ ଯୋଗ ଦେଉଛନ୍ତି । ଏଥି ସହିତ ରକ୍ତଦାନ ଶିବିର ଓ କବିତା ପାଠ ଉତ୍ସବ କାର୍ଯ୍ୟ କ୍ରମ ରହିଚି । ସନ୍ଧ୍ୟା ଅଧିବେଶନରେ ସାଧାରଣ ସଭାରେ ଅତିଥି ଭାବେ ଯୋଗ ଦେବେ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ଆଦାନି ଧାମରା ପୋର୍ଟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକ୍କର, ଇରମ ସରପଞ୍ଚ ସାବିତ୍ରୀ ବଳ ଓ ସମିତି ସଭ୍ୟା ଲଗ୍ନିକା ମଲ୍ଲିକ । ଏହି ଉତ୍ସବରେ ପଣ୍ଡିତ ଦୈତାରି ମହାପାତ୍ରଙ୍କ ପୁସ୍ତକ ରକ୍ତତୀର୍ଥ ଇରମ ଓ ଗଙ୍ଗାଧର ଘଡେଇ ଙ୍କ ପୁସ୍ତକ କିଛି କଥା କିଛି ବ୍ୟଥା ଉନ୍ମୋଚନ ହେବ । ଏହି ଉତ୍ସବରେ ସମସ୍ତ ଙ୍କୁ ବହୁ ସଂଖ୍ୟା ରେ ଯୋଗ ଦେବାକୁ ଶହୀଦ ସ୍ମୃତି କମିଟି ରକ୍ତତୀର୍ଥ ଇରମର ସଭାପତି ପଦ୍ମନାଭ ଦାଶ ଓ ସମ୍ପାଦକ ରତିକାନ୍ତ ପତି ଅନୁରୋଧ ଜଣାଇଛନ୍ତି ।

# ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଭକ୍ତଙ୍କୁ ବାବାଙ୍କୁ ସ୍ପର୍ଶ ମନା

ନୀଳଗିରି , ୨୭/୯ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କୁ ସ୍ପର୍ଶ କରିବାକୁ ବାରଣ କରାଯାଇଛି । ଦୀର୍ଘ ୪ଦିନ ଧରି ଲଗାଣ ବର୍ଷା ଯୋଗୁଁ ଦେବଗିରୀ ପାହାଡ ତଥା କୁଳଡିହା ଅଭୟାରଣ୍ୟର ଉପର ମୁଣ୍ଡରୁ ପ୍ରବଳ ବର୍ଷା ଜଳ ପ୍ରବାହିତ ହେବା ଫଳରେ ବାବାଙ୍କ ପୀଠରେ ୪ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି । ଫଳରେ ପ୍ରଖର ସ୍ରୋତ ଥିବାରୁ ବାବାଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ ମାନଙ୍କୁ ସ୍ପର୍ଶ ଦର୍ଶନ କରିବାକୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବାରଣ କରାଯାଇଛି । ବାବା ପଞ୍ଚଲିଙ୍ଗେଶ୍ୱର ପଥର କୋରଡରେ ରହି ପାଞ୍ଚଲିଙ୍ଗ ଆକାରରେ ଭକ୍ତଙ୍କୁ ଦର୍ଶନ ଦେଇଥାଆନ୍ତି । ମାତ୍ର ଚଳିତ ଲଗାଣ ବର୍ଷା ଯୋଗୁଁ ପୀଠ ସମେତ ପୂଜାମଣ୍ଡପ, ରାସ୍ତା, ଦୋକାନଘର ଆଦିରେ ପାଣିର ଭରି ଯାଇଥିବାରୁ ଭକ୍ତଙ୍କୁ ସତର୍କ କରାଯାଇଛି ।

# ବାଲେଶ୍ୱର ବିପଣି ଉନ୍ନୟନ କମିଟିରେ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର, ୨୭/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମୋତିଗଞ୍ଜ ରେ ଥିବା ଘୋଷ ବଜାର ବିପଣି ଉନ୍ନୟନ କମିଟି ବିଶାଳ ରକ୍ତଦାନ ଶିବିର ସମ୍ପାଦକ ଚନ୍ଦନ କୁମାର ଭୂୟାଁ ଙ୍କ ଦ୍ୱାରା ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତ ଦାନ ଶିବିରକୁ ସଭାପତି ଅଜୟ କୁମାର ବିଶ୍ୱାଳ , ମୁଖ୍ୟ ଅତିଥି ରଞ୍ଜନ ବାଗ , ଗୌରାଙ୍ଗ ଦାସ ଫିତ କରି ଉଦଘାଟନ କରିଥିଲେ । ସଭାପତି ଅଜୟ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଜନସାଧାରଣଙ୍କର ରକ୍ତ ଅଭାବ କିପରି ନହେବ ସେଥିପାଇଁ ବିପଣି ଉନ୍ନୟନ କମିଟି ସର୍ବଦା ଚେଷ୍ଟା କରୁଛି । ଏତତ୍ ବ୍ୟତୀତ ଏହି ଅନୁଷ୍ଠାନ ବିଭିନ୍ନ ଜନ ସେବା କାର୍ଯ୍ୟ କରୁଛି । ଏହା ୩ ବର୍ଷ ଧରି ଏହି ରକ୍ତ ଦାନ ଶିବିରକୁ ଆୟୋଜନ କରୁଛି । ଏହି ରକ୍ତ ଦାନ ଶିବିରକୁ ଚନ୍ଦନ କୁମାର ଭୂୟାଁ , ଶରତ କୁମାର ନାୟକ , ଅରୁଣ କୁମାର ଦାସ , ଭାଗିରଥି ବେହେରା , ଅନିଲ କୋଇଲି , ସେଖ ଜନତ ହୁସେନ , କାଳିପଦ ସାହୁ , ଅମର କୁମାର ପାତ୍ର , ହରେକୃଷ୍ଣ ଦାସ , ଅଖିଳ ଚନ୍ଦ୍ର ଆସ , ପଦ୍ମ ଲୋଚନ ଦାସ , କମଳା କାନ୍ତ ଜେନା ,ସୂର୍ଯ୍ୟକନ୍ତ ପ୍ରଧାନ , ରବୀନ୍ଦ୍ର ମାଝି ,ଦୈତାରି ଓଝା , କରୁଣା କର ପଣ୍ଡା , କାର୍ତ୍ତିକ ଓଝା , ଦେବେନ୍ଦ୍ର ପାତ୍ର , ମହେଶ୍ୱର ଜେନା , ଲକ୍ଷ୍ମୀକାନ୍ତ ବର୍ଦ୍ଧନ , ଦମ୍ବରୁ ଧର ଦାସ , ବିନୋଦ ସାହୁ , ମନ୍ମଥ ମାଝି , ବୈଦ୍ୟନାଥ ସାହା , ସୁଦର୍ଶନ ଦାସ , ପରୀକ୍ଷିତ ମାଝି , ଗୋବିନ୍ଦ ପରିଡ଼ା , ଭାସ୍କର ପାତ୍ର ,ଲକ୍ଷ୍ମୀ ନାରାୟଣ ରଣା , ବୁଦ୍ଧିରାମ ସେଠୀ, ବସନ୍ତ ମାଝି , ଦେବବ୍ରତ ସାହୁ, ଚକ୍ରଧର ପ୍ରୁଷ୍ଟି ପ୍ରମୁଖ ପରିଚାଳନାରେ ଅଂଶଗ୍ରହଣ କରିଥିଲେ ।

# ପୁଣି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆଶଙ୍କା



ଜଳେଶ୍ୱର, ୨୭/୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଂ ନଦୀ ର ଉପର ମୁଣ୍ଡ ରେ ପ୍ରବଳ ବର୍ଷା ହେତୁ ପୁଣି ବଢୁଛି ସୁବର୍ଣ୍ଣରେଖା ନଦୀର ଜଳସ୍ତର, ପୁଣି ବନ୍ୟା ଆଶଙ୍କା ରେ ନଦୀ କୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ, ଏ ବର୍ଷ ର ପ୍ରଥମ ପ୍ରଥମ ବନ୍ୟା ର କ୍ଷୟକ୍ଷତି ଆକଳନ ହୋଇ ନ ଥିବା ବେଳେ ପୁଣି ବନ୍ୟା ଆଶଙ୍କା କରାଯାଉଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଜଘାଟ ଠାରେ ସତର୍କ ସଙ୍କେତ ୯.୪୫ ମିଟର ଥିବା ବେଳେ ସନ୍ଧ୍ୟା ୬ ଟା ସୂଚନା ଅନୁସାରେ ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୭.୯୩ ରେ ମିଟରରେ ପ୍ରବାହିତ ହେଉଛି ଯାହାର ବିପଦ ସଂକେତ ୧୦.୩୬ ରହିଛି ।ଲଘୁଚାପ ଜନିତ ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଫଳରେ ଏଭଳି ସ୍ଥିତି ଉପୁଜିଛି । ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଗାଲୁଡିହି ବ୍ୟାରେଜ ରେ ଆଜି ପୁଣି ସକାଳ ୧୦ ଟା ସମୟ ରେ ବନ୍ୟା ପାଣି ଛାଡ଼ିଚି ବନ୍ୟାଜଳ । ଆଜି ଦିନ ୧୦ଟାରେକେନ୍ଦ୍ରୀୟ ଜଳ ଆୟୋଗ ର ସୂଚନା ଅନୁଯାୟୀ ଗାଲୁଡ଼ିହି ବ୍ୟାରେଜ କୁ ୨୨୦୦ କ୍ୟୁମେକ୍ ବନ୍ୟାଜଳ ପ୍ରବେଶ କରୁଛି । ଗାଲୁଡ଼ିହି ବ୍ୟାରେଜରେ ଜଳଧାରଣ କ୍ଷମତା ୯୪.୫ ମିଟର ରହିଥିବା ବେଳେ ବର୍ତ୍ତମାନ ୧୦୧.୨୫ ମିଟର ରହିଛି । ଯଦି ବନ୍ୟା ଜଳ ନିଷ୍କାସନ ହୁଏ ନଦୀରେ ପାଣି ବଢିବା ସହିତ ବନ୍ୟା ଆଶଙ୍କା କରାଯାଉଛି । ତାହାଲେ ପୁଣି ଜଳେଶ୍ୱର ବ୍ଲକର ରାୟା ରାମଚନ୍ଦ୍ରପୁର , କୋଟସାହି, ପଶ୍ଚିମ ବାର୍ଡ, ଗଡସାହିବାଲିଆପାଳ, ବର୍ତନା,ପଞ୍ଚାୟତ ର ଶତାଧିକ ଗାଁ ପ୍ରଭାବିତ ହେବା ସହିତ ହାଜର ହାଜର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି । ଏ ନେଇ ଜଳେଶ୍ୱର ପ୍ରଶାସନ ସଜାଗ ରହିଥିବା ସୂଚନା ମିଳିଛି ।

# ରାଜ୍ୟସ୍ତରୀୟ ସାହାଣୀ କପ - ୨୦୨୪: ୨ୟ ଦିନରେ ଢେଙ୍କାନାଳ ବିଜୟୀ




ବାରିପଦା , ୨୭/୯ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଓ ଓଡିଶା ଫୁଟବଲ ଏସୋସିଏସନର ସହଯୋଗୀତାରେ ଅନୁଷ୍ଠିତ ସାହାଣୀ କପ - ୨୦୨୪ ର ୨ୟ ଦିନ ଖେଳର ୧ମ ମ୍ୟାଚରେ ଢେଙ୍କାନାଳ ଦଳ ଯାଜପୁର ଦଳକୁ ୨-୧ ଗୋଲରେ ପରାସ୍ତ କରିଛି ଓ ଢେଙ୍କାନାଳ ତରଫରୁ ଅନିଲ ସ୍ୱାଇଁ ୩୮ ମିନିଟ ଓ ମଧୁ ଯାନୀ ୭୫ ମିନିଟରେ ଗୋଲ ଦେଇଥିବା ବେଳେ ଯାଜପୁର ଦଳ ତରଫରୁ ବୃନ୍ଦାବନ ମୁର୍ମୁ ୪୪ ମିନିଟରେ ଏକ ମାତ୍ର ଗୋଲ କରିଥିଲେ ଓ ଉକ୍ତ ଖେଳକୁ ଶେଖବତ ଖାନ, ଲକ୍ଷ୍ମଣ ସେଠ, ଶିବ ସାମନ୍ତ ରାୟ ଓ ବାପୁନ ମହାନ୍ତ ଖେଳ ପରିଚାଳନା କରିଥିଲେ ଓ ମଧୁ ଯାନୀ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡଃ ଦେବାଶିଷ ମାରାଣ୍ଡି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳି ଶ୍ରୀ ଯାନୀଙ୍କୁ ମହେଶ ମେମୋରିଆଲ ସ୍ମୃତି ସମ୍ମାନ ସ୍ୱରୂପ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହ ଉପଢୌକନ ଦେଇ ପୁରସ୍କୃତ କରିଥିଲେ ଓ ବାଲେଶ୍ୱର ଓ ଦେବଗଡ଼ ମଧ୍ୟରେ ହୋଇଥିବା ୨ୟ ମ୍ୟାଚ ୧-୧ ଗୋଲ ବ୍ୟବଧାନରେ ଅମୀମାଂଗସିତ ରହିଥିଲା ଓ ଦେବଗଡ଼ ଦଳର ପିଣ୍ଟୁ ନାଗ ୧୫ ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ ବାଲେଶ୍ୱର ଦଳର ମଙ୍ଗଳ ବାନରା ୮୩ ମିନିଟରେ ଗୋଲ ଦେଇ ବରାବର ସ୍ଥିତିକୁ ଆଣିଥିଲେ ଓ ବିପୁଲ ବିଦ୍ୟାଧର, ସୁଜିତ ରାଜହଂସ, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ଅନନ୍ତ ଛତ୍ତର ଖେଳ ପରିଚାଳନା କରିଥିବା ବେଳେ ଶିବ ଶଙ୍କର ପଣ୍ଡା ଉଭୟ ଖେଳର ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଶ୍ରେଷ୍ଠ ଖେଳାଳି ଶ୍ରୀ ବାନରାଙ୍କୁ ପୁରସ୍କୃତ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇଥିଲେ ଓ ଅନ୍ୟ ମାନଙ୍କ ମଧରେ ଫାଓ ଉପ ସଭାପତି ଅସିତ ପତି, ମୟୁରଭଞ୍ଜ କ୍ରୀଡା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି ଓ ସମସ୍ତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ ଓ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବାବୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ...

କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଜିଲ୍ଲାପାଳ ସମ୍ମିଳନୀରେ ଉଦବୋଧନ ଦେବା ବେଳେ ବାବୁଙ୍କୁ ଗର୍ବ ଛାଡ଼ି ବୁକ୍ ସର୍କୁଲାର ୪୭ ଅନୁସାରେ, ଜନପ୍ରତିନିଧିଙ୍କ ପ୍ରତି ଉଚିତ୍ ସମ୍ମାନ ଦେବାକୁ କଡ଼ା ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏକ୍ଷେତ୍ରରେ ପୂର୍ବ ସରକାର ଅମଳରେ ବିଧାୟକ ଭାବେ ଏକ ଅଭିଯୋଗ ନେଇ ଥାନାକୁ ଯାଇଥିଲା ବେଳେ ଆଇଆଇସି ତାଙ୍କୁ କିଭଳି ଗେଟ୍ ଆଉଟ୍ କହିଥିଲେ ତାର ତିକ୍ତ ଅନୁଭୂତି ବଖାଣିବା ସହ ଏକ ସମୟରେ ରାଜ୍ୟର ମନ୍ତ୍ରୀ ଥିବା ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ ଜଣେ ଜିଲ୍ଲାପାଳ କିଭଳି ବସିବାକୁ ଚେୟାରଟିଏ ବି ଅଫର କରି ନଥିଲେ ତାର ଉଦାହରଣ ଥୋଇବାକୁ ବି ପଛାଇ ନାହାନ୍ତି ସିଏମ୍ । ମୋହନ ସରକାରର ଏଇ ପ୍ରଥମ ଜିଲ୍ଲାପାଳ ସମ୍ମିଳନୀ ପରେ ସରକାର ଓ ପ୍ରଶାସନ ମଧରେ ସଂପର୍କ ମଜଭୁତ କରିବାକୁ ଆଗକୁ ତହସିଲଦାର, ବିଡିଓ, ଆରଆଇ ଏପରିକି ପିଇଓ ମାନଙ୍କୁ ମଧ ତାଲିମ ଦିଆଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱମନ୍ତ୍ରୀ । ଦୁଇଦିନିଆ ଜିଲ୍ଲାପାଳ ସମ୍ମିଳନୀର ଦ୍ୱିତୀୟ ଦିନରେ ଆସନ୍ତାକାଲି ଜିଲ୍ଲାପାଳ ଓ ଏସପିଙ୍କୁ ବି ମିଳିତ ବୈଠକକୁ ମଧ ସମ୍ବୋଧିତ କରିବେ ମୁଖ୍ୟମନ୍ତ୍ରୀ ।

### ଶ୍ରୀମନ୍ଦିର ରୋଷଘର...

ଅଭିଯୋଗ ଯେଉଁଭଳି ଭାବେ କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଦୋହଲାଇ ଦେଇଛି । ପୁରୀ ମନ୍ଦିରରେ ସେଭଳି ଘଟଣା ଘଟିବା ପୂର୍ବରୁ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି କହିଛନ୍ତି ଆଇନମନ୍ତ୍ରୀ । ଶ୍ରୀମନ୍ଦିରରେ ବ୍ୟଞ୍ଜନ ପ୍ରିୟ ମହାପ୍ରଭୁଙ୍କୁ ଲାଗି ହେଉଥିବା ସବୁ ନୈବେଦ୍ୟର ପ୍ରସ୍ତୁତି ଶୁଦ୍ଧ ଦ୍ରବ୍ୟରେ କରାଯିବାର ବିଧି ରହିଛି । ଏକଥା ନୀଳାଦ୍ରି ମହୋଦୟ ଓ ବାମଦେବ ସଂହିତା ଭଳି ଧର୍ମଶାସ୍ତ୍ରରେ ବି ଉଲ୍ଲେଖ ରହିଛି । ଯେହେତୁ ମହାପ୍ରସାଦ ତେଲରେ ରନ୍ଧା ଯିବାର ପରମ୍ପରା ନାହିଁ, ତେଣୁ ଷାଠିଏ ପଉଟି ଭୋଗ ପ୍ରସ୍ତୁତି ପାଇଁ ଦରକାର କେବଳ ଶୁଦ୍ଧ ଘିଅ । ଖାଲି ସେତିକି ନୁହେଁ ଶ୍ରୀମନ୍ଦିର ସତ୍ତ୍ୱଲିପିରେ ବି ରୋଷଶାଳାଙ୍କୁ ଯାଉଥିବା ଘିଅ ସହ ଅନ୍ୟ ସମସ୍ତ ଅମୁଣିଆ ସାମଗ୍ରୀର ଯାଞ୍ଚ କଥା ଉଲ୍ଲେଖ ଅଛି । ଏ ଦାୟିତ୍ୱ ଦେଉଳ କରଣ,ରୋଷ ପାଇକ, ରୋଷ ଅମିନ, ଶ୍ରୀମନ୍ଦିର ସୁପରଭାଇଜର ଓ ଛତିଶା ନିଯୋଗ ନାୟକଙ୍କର । ଠାକୁରଙ୍କ ପାଖରେ ମୁଖ୍ୟତଃ ଦୁଇ ପ୍ରକାର ଭୋଗ ଲାଗି ହେଉଛି- ତାହା ହେଲା କୋଠ ଭୋଗ ଓ ବରାଦି ଭୋଗ । ବରିଷ୍ଠ ସୁପକାର ସେବକଙ୍କ ମତରେ ଶ୍ରୀମନ୍ଦିର ରୋଷଶାଳାରେ ଏବେ ଓମଫେଡ୍ ଘିଅରେ ଏସବୁ ରନ୍ଧନ ହେଉଛି । ତେଣୁ ସରକାର ଯେଉଁ ପ୍ରକାର ଘିଅକୁ ଅନୁମତି ଦେବେ ଆମେ ସେଥିରେ ଭୋଗ ପ୍ରସ୍ତୁତି କରିବୁ । ତେବେ ମହାପ୍ରଭୁଙ୍କୁ ଭୋଗ ଲାଗି ହେବା ପରେ ସେ ମହାପ୍ରସାଦର ଯାଞ୍ଚ ଶାସ୍ତ୍ର ବିରୋଧୀ । ତେଣେ ଶ୍ରୀମନ୍ଦିରରେ ଘିଅ ସହ ଅନ୍ୟ ସାମଗ୍ରୀର ଯାଞ୍ଚ ପାଇଁ ସରକାର ଫୁଡ୍ ଇନସପେକଟର ନିଯୁକ୍ତି ଦେବା ଘୋଷଣାକୁ ସ୍ୱାଗତ କରିଛନ୍ତି ଭକ୍ତ । ଆଗରୁ ଶ୍ରୀମନ୍ଦିରର ସମସ୍ତ ଶୁଖିଲି ଭୋଗ ଓ ଅବଢ଼ା ଶୁଦ୍ଧ ଦେଶୀ ଗାଈ ଘିଅରେ ପ୍ରସ୍ତୁତ ହେଉଥିଲା । ମଝିରେ ଏଥିରେ ବ୍ୟତିକ୍ରମ ହେବାରୁ, କିଛି ବର୍ଷ ତଳୁ କେବଳ ଓମଫେଡ୍ ଘିଅକୁ ମନ୍ଦିରରେ ବ୍ୟବହାର ପାଇଁ ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର । ହେଲେ ତିରୁପତି ଲଡ୍ଡୁ ବିବାଦ ପରଠୁ ସରକାର ଶ୍ରୀମନ୍ଦିର ପାଇଁ ଅଧିକ ଯତ୍ନବାନ ହୋଇଛନ୍ତି ।

### ସୋସିଆଲ ମିଡିଆରେ...

ଆଉ ସେହି ପୋଷ୍ଟକୁ ନେଇ ବିବାଦ ଉପୁଜିବାରୁ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ଭଦ୍ରକ ସହରରେ ରାଲି କରି ରାସ୍ତା ଅବରୋଧ କରୁଥିଲେ । ଏହାକୁ ବାରଣ କରିବାକୁ ଯାଇଥିଲା ପୋଲିସ । ଏହି ସମୟରେ ଉପୁଜିଥିଲା ମୁହାଁମୁହିଁ ପରିସ୍ଥିତି । ସଂପୃକ୍ତ ଗୋଷ୍ଠୀ ପଥର ମାଡ଼ରେ ଟାଉନ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ଏସଆଇ ରୋଜେନ୍ ମୁର୍ମୁ ଏବଂ ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ ଆହତ ହୋଇଛନ୍ତି । ଉତ୍ତେଜନା ବଢୁଥିବା ଦେଖି ଘଟଣାସ୍ଥଳରେ ୭ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି । ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସକୁ ଲାଠିଚାର୍ଜ ବି କରିବାକୁ ପଡ଼ିଥିଲା । ବର୍ତ୍ତମାନ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି । ପୋଲିସ ସହରରେ କରିଛି ଫ୍ଲାଗମାର୍ଚ୍ଚ ।

### ଅନାସ୍ଥା ଭୋଟରେ...

ଭୋଟିଂ ପାଇଁ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ, ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ଡବ୍ଲ୍ୟୁପିସି ୧୯୬୬୯/୨୪ମୂଳେ ଗତ ଅଗଷ୍ଟ ୧୩ତାରିଖରେ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟ ଉକ୍ତ ଅନାସ୍ଥା ସଂକ୍ରାନ୍ତରେ ନିଜର ରାୟ ଶୁଣାଇବା ପରେ, ଅନାସ୍ଥା କିଛିଦିନ ପାଇଁ ଟଳି ଯାଇଥିଲେ ହେଁ, ପୁନର୍ବାର ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପୁଣିଥରେ ବାଲେଶ୍ୱର ଜିଲ୍ଲାପାଳ ସମସ୍ତ ପ୍ରସଙ୍ଗକୁ ଭିତ୍ତି କରି କିଛିଦିନ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରି ଅଧକ୍ଷା ସମେତ ସମସ୍ତ କାଉନସିଲରଙ୍କୁ ସେପଟ୍ମେର ମାସ ୨୭ତାରିଖରେ ପୁନଃ ଭୋଟିଂ କରିବାକୁ ନୋଟିସ ଜାରି କରିଥିଲେ । ତେବେ ଏନେଇ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଏନଏସି ସଭାଗୃହ ମଧରେ ନିର୍ଦ୍ଦିଷ୍ଟ ସମୟରେ ଅର୍ଥାତ୍ ପୂର୍ବାହ୍ନ ୧୧ଟାରୁ ୧୨ ପର୍ଯ୍ୟନ୍ତ ପ୍ରସ୍ତାବିତ ସଂକଳ୍ପ ଉପରେ ଆଲୋଚନା କରାଯାଇ ୧୨.୧୦ମିନିଟ ସମୟରେ ମତଦାନ କରାଯାଇଥିଲା । ମୋଟ ୧୩ଜଣ କାଉନସିଲରଙ୍କ ମଧରୁ ୧୧ଜଣ କାଉନସିଲର ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ, ୨ଜଣ ଅନୁପସ୍ଥିତ ଥିଲେ । ୧୧ଜଣ କାଉନସିଲର ମତଦାନ କରିଥିବା ବେଳେ ଜଣେ କାଉନସିଲର ଙ୍କ ଭୋଟ ଅଧକ୍ଷା ଙ୍କ ସପକ୍ଷ ରେ ପଡ଼ିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।ତେବେ ୧୦ଟି ଭୋଟ ଅନାସ୍ଥା ସପକ୍ଷରେ ଅର୍ଥାତ୍ ଅଧକ୍ଷାଙ୍କ ବିରୋଧରେ ଯାଇଥିଲା । ଫଳରେ ଆଜିର ଏହି ପ୍ରକ୍ରିୟାରେ ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ବହୁମତ ହରାଇ ନିଜର ପଦବୀ ହରାଇଥିବା ଜଣାଯାଇଛି । ତେବେ ଆଜିର ଏହି ନିର୍ବାଚନ ପ୍ରକ୍ରିୟାରେ ଅଧକ୍ଷା ଅମ୍ବିକା ଦାସ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଜଣେ ବିଜେପି ଏଜେଣ୍ଟକୁ କାଉନସିଲର ମାନେ ଭୋଟଦାନ ପରେ ନିଜର ଭୋଟ ପେପର ଦେଖାଉଥିବା କହିଛନ୍ତି । ଯାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ କହି ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଅନ୍ୟ ପକ୍ଷରେ,ଉକ୍ତ ମତଦାନ ପ୍ରକ୍ରିୟା ର ରିଟର୍ଣିଂ ଅଫିସର ତଥା ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଅନାସ୍ଥା ପ୍ରସ୍ତାବ ଭୋଟ ଦାନ ପ୍ରକ୍ରିୟା ରେ,ସମସ୍ତ ସାମ୍ବିଧାନିକ ବିଧି ବ୍ୟବସ୍ଥା କୁ ପାଳନ କରାଯାଇଛି ବୋଲି କହିଥିଲେ । ବିଜେପି ପକ୍ଷରୁ ଜଣେ ମାତ୍ର ନିର୍ବାଚନ ଏଜେଣ୍ଟ ଆଇନ ସମ୍ମତ ଭାବେ ଉପସ୍ଥିତ ରହିଥିଲେ । ଅନ୍ୟ ଦଳ ଚାହିଁ ଥିଲେ ମଧ ରହି ପାରିଥାନ୍ତେ ।ଅନ୍ୟ କୌଣସି ଦଳ ପକ୍ଷରୁ ଏଥିପାଇଁ ମୋ ନିକଟ ରେ କୌଣସି ଆବେଦନ କରାଯାଇ ନ ଥିଲା । ଆଜିର ମତ ଦାନ ପ୍ରକ୍ରିୟା ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ର ଶେଷ ହୋଇଛି । ଆଜିର ରିପୋର୍ଟ, ମୁଁ ଜିଲ୍ଲାପାଳଙ୍କୁ ପଠାଇବି । ପରବର୍ତ୍ତୀ ପଦକ୍ଷେପ, ସେ ଗ୍ରହଣ କରିବେ ବୋଲି କହିଥିଲେ ।

### ଭିଜିଲାନ୍ସ ...

ଏହା ପରେ ଭିଜିଲାନ୍ସ ବିଭାଗ ଭାନୁମତିଙ୍କୁ ପାନେ ଦେବା ପାଇଁ ଯୋଜନା କରିଥିଲା । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଆଜି ଭାନୁମତୀ ବ୍ଲକ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଜୟପୁର ଭିଜିଲାନ୍ସ ଅତର୍କିତ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲେ । ରଙ୍ଗବୋଳା ଟଙ୍କା ଜବତ ହେବା ପରେ ତାଙ୍କ ଅଫିସ ଚାମ୍ବର, ସୁନାବେଢ଼ାସ୍ଥିତ ନିଜ ଘର ସମେତ ୩ଟି ଠିକଣାରେ ତନାଘନା ଚାଲିଛି । ସହକାରୀ ଯନ୍ତ୍ରୀଙ୍କୁ ପଚରାଉଚରା ଚାଲିଛି । ସେ ଜଣେ ଲାଞ୍ଚୁଆ ଅଧିକାରୀ ହେଇ ଥିବାରୁ ତିନି ଦିନ ଧରି ସହକାରୀ ଯନ୍ତ୍ରୀଙ୍କୁ ଭିଜିଲାନ୍ସ ରେଡ୍ ?ହ୍ୟାଣ୍ଡରେ ଧରିବାକୁ ଚେଷ୍ଟା କରାଯାଉଥିଲା । କିନ୍ତୁ କେ ?ଶଳରେ ଖସି ଯାଉଥିଲେ । ଆଜି ଭିଜିଲାନ୍ସ ଜାଲରେ ଫସିଥିଲେ । ସହକାରୀ ଯନ୍ତ୍ରୀ ଭାନୁମତୀ ଟୁଡୁ ଏକ ଦାମୀ କାରରେ ସୁନାବେଢ଼ା ଠାରୁ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟକୁ ପ୍ରାୟ ୯୦ କିଲୋମିଟର ଦୂର ଯିବା ଆସିବା କରିଥାନ୍ତି ।

# ପୁଣି ଜଳକାରେ ବନ୍ୟା ଆଶଙ୍କା ଭୟଭୀତ ନଦୀକୂଳିଆ ଅଞ୍ଚଳବାସୀ

ବସ୍ତା, ୨୭/୯ (ନି.ପ୍ର): ଲଘୁଚାପ ଜନିତ ବର୍ଷା ହେବାଫଳରେ ଜଳକା ନଦୀର ଜଳସ୍ତର ବଢିବାରେଲାଗିଛି । ଯାହାଫଳରେ ନଦୀରେ ପୁଣି ବନ୍ୟା ଆଶଙ୍କା ଦେଖା ଦେଇଛି । ମଥାନୀ ଠାରେ ସଙ୍କେତ ସୂଚନା ୬.୦୦ ମିଟର ରହିଥିବା ବେଳେ ସକାଳ ୬ ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୨୨ ମିଟରରେ ପ୍ରବାହିତ ହେଉଛି । ତେବେ ସଂଧ୍ୟା ୬ଟାରେ ଜଳସ୍ତର ୬.୩ ୭ ରେ ଧିରେଧିରେ ବଢିବାରେ ଲାଗୁଛି । ପଡୋଶି ମୟୁରଭଞ୍ଜ ଜିଲ୍ଲାର ଚକ ସୂଳିଆପଦା ମୋରଡା ରାସଗୋବିନ୍ଦପୁର ରେ ଦୁଇଦିନଧରି ଲଗାତାର ବର୍ଷା ହେବାଫଳରେ ଜଳକାନଦୀରେ ପାଣି ଆସି , ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଜଳକା ନଦୀର ଭେଡିବନ୍ଧ ୫ଟିସ୍ଥାନରେ ବାଉଁଶ ଓ ବାଲିବସ୍ତା ଦେଇ ଆକଟ କରାଯାଇଛି । ହେଲେ ଗତ ବନ୍ୟାରେ କୁଡାଆ ପଞ୍ଚାୟତ ବେଗୁନିଆ ମୌଜା ର ୨୦ଏକର ମଥାନୀ ପଞ୍ଚାୟତ ସାନଖୁଡି, ବଡଖୁଡି, ଶିବଗତିଆ, ଲକ୍ଷ୍ମଣାପଡା, ଧାନହଣ୍ଡା ବାସୁଚକୁରି ପଞ୍ଚାୟତ ନା ଘାଟ ସାହି ଚଉଘରି, ଭଗି, କଣ୍ଟିଆଡୋଭା, ଅଗ୍ନିଶ୍ୱରଡୁଭା, ବାସିଚକୁରି, ଭିତର ବ୍ରହ୍ମଉର ମୌଜା ସମେତ ଶହଶହ ହେକ୍ଟର ଚାଷଜମି ପାଣିରେ ପଚି ଯାଇଥିବା ବେଳେ ପୁଣି ବନ୍ୟା ପାଣି ହେବାର ଦେଖି ଚାଷୀ ମାନଙ୍କ ମଧ୍ୟରେ ଭୟ ର ବାତା ବରଣସୃଷ୍ଟି ହୋଇଛି । ତାପଣ୍ଡା, ମେଳକ, ଧଳସାହି, ପେଗରପଡା ଲକ୍ଷ୍ମଣାପଡା, ସାନଖୁଡି ମଥାନୀ ନଦୀ କୁଳିଆ ଗାଁ ଦେଇ ପ୍ରବାହିତ ଜଳକାନଦୀର ଦୁଇପାର୍ଶ୍ୱ ଭେଡି ବନ୍ଧ ଦୁର୍ବଳ ହୋଇଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ ଭୟର ବାତା ବରଣ ସୃଷ୍ଟି ହୋଇଛି । ବର୍ଷା ଲାଗିରହିଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରା ଯାଉଛି,ଯଦି ବନ୍ୟା ହୁଏ ତାହାକୁ ବସ୍ତା ବ୍ଲକର ୧୦ ଏବଂ ସଦର ବ୍ଲକ ର ୩ ଟି ପଞ୍ଚାୟତ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି ।ତେବେକ୍ଷୟକ୍ଷତି ହୋଇଥିବା ଚାଷୀ ମାନଙ୍କର ସରଜମିନ ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପାରାଦୀପରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ମନ୍ମଦ ଉଦ୍ୟାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ପାରାଦୀପ, ୨୭/୯ (ନି.ପ୍ର): ପାରାଦୀପ ପୌର ପାଳିକା ପକ୍ଷରୁ ଆଜି ନେହେରୁବଙ୍ଗଳା ସ୍ଥିତ ମହାନଦୀ ମୁହାଣ ନିକଟରେ ଥିବା ମନ୍ମଦ ଉଦ୍ୟାନଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି।ଏନେଇ ସକାଳେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇ ବିଶ୍ୱ ପର୍ଯ୍ୟଟନ ଦିବସ ସମ୍ପର୍କରେ ଆଲୋଚନା କରିବା ସହିତ ମନ୍ମଥ ଉଦ୍ୟାନ ସମେତ ସମଗ୍ର ପାରାଦୀପ ଅଂଚଳରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନକରିବାକୁ ଆହ୍ୱାନ ଦେଇଥିଲେ। ପର୍ଯ୍ୟଟନ ଋତୁରେ ମନ୍ମଥ ଉଦ୍ୟାନ କୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ହିଁ ଏଠାରେ ବଣଭୋଜି କରିଥାନ୍ତି। ମହାନଦୀ ଓ ସମୁଦ୍ରର ମିଳନସ୍ଥଳର ସୌନ୍ଦର୍ଯ୍ୟ କୁ ଉପଭୋଗ କରିଥାନ୍ତି।ଏଣୁ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଏହି ମନ୍ମଦ ଉଦ୍ୟାନ ପରିସରରେ ପରିବେଶ ସୁରକ୍ଷା ପାଇଁ ଏକ ସଫେଇ କାର୍ଯ୍ୟ ର ଆୟୋଜନ କରାଯାଇଥିଲା। ପୌର ପାଳିକା, ପଣ୍ଡିତ ଜବାହରଲାଲ ନେହୁରୁ ଟ୍ରଷ୍ଟ, ପାରାଦୀପ ସାକ୍ଷରତା ସମିତି, ସାତ୍ୱିକ ସୋଲ ଫାଉଣ୍ଡେସନ, ଏନସିସି ଆଲୁମିନି ଆସୋସିଏସନ, ନୀଳଚକ୍ର ୟୁଥ କ୍ଲବ, କଳିଙ୍ଗ ମହିଳା ଶକ୍ତି ଓ ଗ୍ରୀନ ପାରାଦୀପ ଟ୍ରଷ୍ଟ ଭଳି ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏଥିରେ ଅଂଶ ଗ୍ରହଣ କରିଥିଲେ।ଏହି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ସଙ୍ଗଠନମାନଙ୍କୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଧନ୍ୟବାଦ ଜଣାଇଥିଲେ ।



# ପାରାଦୀପରେ ଆୟୋଜିତ ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ତୃତୀୟ ଦିନ



ପାରାଦୀପ, ୨୭/୯ : ପାରାଦୀପ ରେ ଆୟୋଜିତ ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ଆଜି ଥିଲା ତୃତୀୟ ଦିନ । ତୃତୀୟ ଦିନରେ ୨ ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ରେ ପୁରୀ ଗଞ୍ଜାମ କୁ ୩-୨ ଗୋଲ ରେ ପରାସ୍ତ କରିଥିଲା।ସେହିପରି ଦ୍ୱିତୀୟ ମ୍ୟାଚ ରେ କଟକ ଜଗତସିଂହପୁର ବିରୋଧରେ ଏକ ତରଫା ଭାବେ ୧୧-୦ ଗୋଲ ବ୍ୟବଧାନ ରେ ବିଜୟୀ ହୋଇଛି।ପୁରୀ ଏବଂ କଟକ ଟିମ ସେମାନଙ୍କ ବିଜୟ ଧାରା କୁ ଅପରିବର୍ତ୍ତିତ ରଖି ଆଗେଇ ଚାଲିଛନ୍ତି।ଆସନ୍ତା କାଲି ପାରାଦୀପ ଟିମ ଭୁବନେଶ୍ୱର ଟିମ କୁ ଭେଟୁଥିବା ବେଳେ ଖୋର୍ଦ୍ଧା ଟିମ କେନ୍ଦ୍ରାପଡା ଟିମକୁ ଭେଟିବ।

# ବାରିପଦାଠାରେ କୃଷି ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ

ବାରିପଦା , ୨୭/୯ (ନି.ପ୍ର): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଉଠା ଜଳସେଚନ ପ୍ରକଳ୍ପ ଅଂଚଳରେ ଫସଲ ବିବିଧିକରଣ ଅନ୍ତର୍ଗତ ସମସ୍ତ ଅଂଶୀଦାରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇ ଜିଲ୍ଲାରେ କାର୍ଯ୍ୟରତ କୃଷକ, ଚାଷ ପ୍ରଣାଳୀ ଏବଂ ଜିଲ୍ଲାର ବାସ୍କେତଳା ଠାରେ ଉତ୍ପାଦିତ ଦୋଷାରୀ ଆମ୍ବ, ଡ୍ରାଗନ ଫ୍ରୁଟ ଏବଂ ବିଭିନ୍ନ ସ୍ଥାନୀୟ ଚାଷ ଅନେକ ଉନ୍ନତି କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ଥିବା ୧୧ଟି କ୍ଲଷ୍ଟର ମଧ୍ୟରୁ ୩ଟି କ୍ଲଷ୍ଟରର ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଏବଂ ଫାର୍ମ ପ୍ରଡକ୍ସନ ଅର୍ଗାନାଇଜେସନଙ୍କୁ ୩ଟି ଅମଳକ୍ଷମ ଟ୍ରାକ୍ଟର, ଅଧିକ ପ୍ରଯୁକ୍ତିବିଦ୍ୟା ଶାଣିତ କୃଷି ଯନ୍ତ୍ରପାତି ଏବଂ ଅତ୍ୟାଧୁନିକ କୃଷି ଉପକରଣ ମାନ ଯୋଗାଇ ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାରୁ ପାଖାପାଖି ୪୦୦ ଜଣ କୃଷକ ଯୋଗ ଦେଇଥିଲେ। ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ମହାପାତ୍ର, ଚାଷ ସମ୍ବନ୍ଧୀୟ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା, କୃଷି ଯୋଜନା ଅଧିକାରୀ ସୁଧାଂଶୁ ପଣ୍ଡା, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି ଏବଂ କୃଷି ଉପ-ନିର୍ଦ୍ଦେଶିକା ମଧୁସ୍ମିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ଜଣେ ମୃତ ଓ ଜଣେ ଗୁରୁତର

ଲଙ୍ଗଳେଶ୍ୱର , ୨୭/୯ (ନି.ପ୍ର): ସୁବର୍ଣ୍ଣ ରେଖା ନଦୀକୁ ଗାଧୋଇବାକୁ ଆଜି ସ୍ଥାନୀୟ ଅସ୍ତି ପଞ୍ଚାୟତର ଚାରି ସାଙ୍ଗ ବଢାପାଳ ନଦୀ ଘାଟକୁ ଯାଇଥିଲେ। ସେଠାରେ ଥିବା କଦଳୀ ଭେଳା ଉପରେ ସେମାନେ ଖେଳୁଥିଲେ । ଖେଳୁଥିଲାବେଳେ କଦଳୀ ଭେଳାଟି ଓଲଟି ପଡିବାରୁ ବୁଡ଼ି ଗଲେ ୪ଜଣ ସାଙ୍ଗ। ସେମାନଙ୍କ ମଧ୍ୟରୁ ଜଣେ ମୃତ ଓ ଜଣେ ଗୁରୁତ୍ୱର ହୋଇଥିବା ଜଣା ପଡିଛି। ଗୁରୁତ୍ୱ ର ଆହତ ଜଣଙ୍କ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ୧୭ ବର୍ଷର ତାପସ କୁମାର ରଣା । ଦୁଇ ଜଣ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଅସ୍ତି ପଞ୍ଚାୟତର ସର୍ଦ୍ଦାର ସାହି ଗ୍ରାମରେ। ଆଜି ମଧ୍ୟାହ୍ନ ସମୟରେ ସର୍ଦ୍ଦାର ସାହି ଗ୍ରାମର ୪ ଜଣ ସାଙ୍ଗ ସୁବର୍ଣ୍ଣରେଖା ନଦୀର ବଢାପାଳ ଘାଟକୁ ଗାଧୋଇବାକୁ ଯାଇ ଥିଲେ। କୂଳରେ ଥିବା ଏକ କଦଳୀ ଭେଳା ଉପରେ ୪ ଜଣ ସାଙ୍ଗ ଚଢି ଯାଇ ଖେଳୁ ଥିବାବେଳେ କଦଳୀ ଭେଳାଟି ହଠାତ ଓଲଟି ପଡ଼ିଥିଲା। କଦଳୀ ଭେଳା ଓଲଟି ପଡିବାରୁ ୪ ଜଣ ସାଙ୍ଗ ନଦୀ ସ୍ରୋତ ରେ ଭାସି ଯାଇ ଅକାତ କାତ ପାଣିରେ ବୁଡ଼ି ଯାଇଥିଲେ।ସ୍ଥାନୀୟ ଲୋକେ ଜାଣି ପାରି ସେମାନଙ୍କୁ ଉଦ୍ଧାର



କରି କରିଥିଲେ। ସେମାନଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଜଣ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ବେଳେ ଜଣେ ଗୁରୁତର ହୋଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସର୍ଦ୍ଦାର ସାହି ଗ୍ରାମର ସୁବାସ ଚନ୍ଦ୍ର ରାଣା ଙ୍କ ୧୭ ବର୍ଷର ପୁଅ ତାପସ କୁମାର ରଣା । ତାପସ ସ୍ଥାନୀୟ ଏକ ଯୁକ୍ତ ଦୁଇ କଲେଜରେ ଅଧ୍ୟୟନ କରୁଥିଲେ।ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର



ବଡ଼ସାହି , ୨୭/୯ (ନି.ପ୍ର): ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୨୯ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଲୋଚନ ଦାସ, ବଡ଼ସାହି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଚାରକ ଭାବେ ଅଜିତ୍ କୁମାର ଜେନା ଓ ମାଳତୀ ହେମ୍ବ୍ରମ୍ ଯୋଗଦାନ କରି ସମସ୍ତ ବିଷୟବସ୍ତୁ ଉପରେ ମୂଲ୍ୟାଙ୍କନ କରିଥିଲେ। କୃତ୍ରିମ ବୁଦ୍ଧିମତା ବିଷୟବସ୍ତୁ ଉପରେ ଛାତ୍ର ଛାତ୍ରୀମାନେ ପିପିଟି ଓ ଚାଟ୍ ମାଧ୍ୟମରେ ସେମାନଙ୍କର ବକ୍ତବ୍ୟ ସୁନ୍ଦର ଭାବରେ ରଖିଥିଲେ। ବଡ଼ସାହି ହାଇସ୍କୁଲର ଓମ୍ ଶଙ୍କର ରଣା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦୁର୍ଗାପୁର ହାଇସ୍କୁଲର ରଶ୍ମିତା ମହାନ୍ତି ଦ୍ୱିତୀୟ ଏବଂ ପତରାପଦା ହାଇସ୍କୁଲର ଶୌମ୍ୟାଶ୍ରୀ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ଲକ୍ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ସେମିନାରକୁ ସଂଯୋଜନା କରିଥିଲେ। ସୁବ୍ରତ ଆଚାର୍ଯ୍ୟ, ତଟିନୀ ପଣ୍ଡା ଓ ବଡ଼ସାହି ହାଇସ୍କୁଲର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶିଷ୍ଟ ଜନନେତା ଲକ୍ଷ୍ମୀ ମହାପାତ୍ରଙ୍କ ବିୟୋଗରେ ବସ୍ତାରେ ଶୋକସଭା




ବସ୍ତା, ୨୬/୯ (ନି.ପ୍ର): ଅଶୀ ଦଶକର ବିଶିଷ୍ଟ ଛାତ୍ର ନେତା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ପୂର୍ବତନ ରାଜ୍ୟ ସମ୍ପାଦକ, ଉତ୍କଳ ବିଶ୍ୱବିଦ୍ୟାଳୟ ର ଛାତ୍ର ସଂସଦ ପୂର୍ବତନ ସାଧାରଣ ସମ୍ପାଦକ, ଭଦ୍ରକ ମହାବିଦ୍ୟାଳୟର ଛାତ୍ର ସଂସଦ ର ପୂର୍ବତନ ସଭାପତି ତଥା ବିଜେପି ର ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ ବିଧାନସଭା ପ୍ରାର୍ଥୀ ତଥା ଭଦ୍ରକ ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାପାତ୍ରଙ୍କ ଅକାଳ ବିୟୋଗ ରେ ବସ୍ତା ଡ଼ାକବଙ୍ଗଳାଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ବିଜେପି ର ପୂର୍ବତନ ବିଧାନସଭା ପ୍ରାର୍ଥୀ ଶ୍ୟାମା ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ର ରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବକ୍ତାମାନେ ସ୍ୱର୍ଗତ ମହାପାତ୍ର ୧୯୭୫ ମସିହା ଜରୁରୀ କାଳୀନ ପରିସ୍ଥିତି ରେ ଆନ୍ଦୋଳନ କରି ୧୭ ମାସ ଜେଲରେ ରହିବା,ସାରା ରାଜ୍ୟରେ ଛାତ୍ର ସଂଗଠନ କରିବାସହ ୧୯୮୦ ମସିହାରେ ଓଡ଼ିଶାରେ ବିଜେପି ର ଆଦ୍ୟ ଅବସ୍ଥାରେ ବିସ୍ତାର କରିବାସହ ବିଭିନ୍ନ ଅନୁଭୂତି ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଧିରେନ ସେଠୀ, ପ୍ରକାଶ କୁଣ୍ଡୁ, ସୂର୍ଯ୍ୟ ନାରାୟଣ ସାହୁ, ରାମଚନ୍ଦ୍ର ଦେବ, ରଞ୍ଜନ କୁମାର ମହାନ୍ତି, ପ୍ରସନ୍ନ ପଣ୍ଡା,ନୀହାର ରଞ୍ଜନ ବେହେରା, ଦିବାକର ରାଉତ,ରବି ରାଉଳ, ଜୀବନ କୃଷ୍ଣ ଘୋଷ, ଉତ୍ତମ କୁମାର ଜେନା, ସନ୍ତୋଷ ନାୟକ, ଶରତ ବାରିକ ପ୍ରମୁଖ ନିଜର ଶୋକ ବ୍ୟକ୍ତ କରିଥିଲେ। ଅଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ ପୌରପାଳିକା ଦ୍ୱାରା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ




ଭଦ୍ରକ, ୨୭/୯ (ନି.ପ୍ର): ଗୃହ ନିର୍ମାଣ ଓ ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୭ ତାରିଖ ଠାରୁ ଅଦ୍ୟାବଧି "ସ୍ୱଚ୍ଛତା ହିଁ ସେବା" କାର୍ଯ୍ୟକ୍ରମ ଭଦ୍ରକ ପୌରପାଳିକାରେ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମ ଅଧିନରେ ଭଦ୍ରକ ପୌରପାଳିକା ଆନୁକୂଲ୍ୟରେ ସଫେଇ କାର୍ମଚାରୀଙ୍କୁ ପୋଷାକ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଅଛି। ପ୍ରତ୍ୟେକ ୱାର୍ଡ଼ ସ୍ତରୀୟ ସଫେଇ କାର୍ଯ୍ୟକ୍ରମ କରାଯାଉଅଛି। ସାଇକେଲ ର୍ୟାଲି, ମାରାଥନ ସହ "ମା' ପାଇଁ ଗଛଟିଏ" ନାରାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଅଛି। ଏହା ସହିତ ୨୭ ତାରିଖରେ ଭଦ୍ରକ ପୌରପାଳିକା ଆନୁକୂଲ୍ୟରେ ଏକ ବିଶାଳ ସମୂହ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ବନ୍ତଛକ ବସଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୌରପାଳିକାର ପୌରଯନ୍ତ୍ରୀ ପ୍ରହଲ୍ଲାଦ ମହାପାତ୍ର, ଦେବାନନ୍ଦ ଭଟ୍ଟାଚାର୍ଯ୍ୟ ମୁଖ୍ୟ ସହାୟକ ରଣଜିତ୍ ମିଶ୍ର, ଅଶ୍ୱିନୀ କୁମାର ବେହେରା, ବରିଷ୍ଠ ସହାୟକଙ୍କ ସହିତ ପୌରପାଳିକାର ସମସ୍ତ କର୍ମଚାରୀ ଏବଂ ସ୍ୱଚ୍ଛସାଥୀ ଉପସ୍ଥିତ ରହିବା ସହ ସଫେଇ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ଲଗାଣ ବର୍ଷାରେ ଘର ଭାଙ୍ଗିଲା

ଖଇରା, ୨୭/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଲଗାଣ ବର୍ଷା ପ୍ରଭାବରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଝାଟିଆ ଗ୍ରାମରେ ଅସ୍ୱସ୍ଥ ଗଛପଡି ମାଳତୀ ଶଙ୍ଖୁଆଙ୍କ ଆଜବେଷ୍ଟସ୍ ଛପର ଘର ଭାଙ୍ଗି ଯାଇଛି । ଖଇରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛଟିକୁ ହଟାଇବା ପରେ ପରିବାର ଲୋକେ ଘରୁ ବାହାରକୁ ବାହାରିଥିଲେ । ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ କ୍ଷତିପୂରଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

# ଗରସଙ୍ଗ ଓ ନହଙ୍ଗ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

ଖଇରା,୨୭।୯ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଓ ପଳସା କ୍ଲଷ୍ଟରରେ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗରସଙ୍ଗ ଉପ୍ରା ବିଦ୍ୟାଳୟରେ ସିଆରସିସି ନରହରି ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଦେବେନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ ।ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ସରପଞ୍ଚ ରାଜେନ୍ଦ୍ର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଫୁଲ୍ଲ କୁମାର ଦାସ, ରାଜକିଶୋର ଜେନା, ପ୍ରଧାନ ଶିକ୍ଷୟତ୍ରୀ ମମତାରାଣି ବେହେରା, ଚକ୍ରଧର ଖିଲାର, ମଧୁସୁଦନ ବାରିକ, ଛୋଟରାମ ସିଂ, ପ୍ରବିଣ ମହାନ୍ତି, କୈଳାସ ଚନ୍ଦ୍ର ଦାସ, ମାନସ




ପାଣିଗ୍ରାହୀ, ଗଙ୍ଗାଧର କାଣ୍ଡି, ରାଧାରଞ୍ଜନ ଦାସ, ପରମାନନ୍ଦ ଦାସ, ଶିବପ୍ରସାଦ ବଳ, ଅନନ୍ତ ଉପାଧ୍ୟାୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସେହିଭଳି ନହଙ୍ଗ କ୍ଲଷ୍ଟର ଅନ୍ତର୍ଗତ ପଳସା ଉପ୍ରା ବିଦ୍ୟାଳୟ ପରିସରରରେ ସିଆରସିସି ଭାଗବତ ପ୍ରସାଦ ଦାସଙ୍କ ଆବହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି,ସରପଞ୍ଚ ମନୋରଞ୍ଜନ ସାହୁ,ପ୍ରଧାନଶିକ୍ଷକ ମାନସ କୁମାର ବାରିକ, ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ସଙ୍ଗୀତ, ନୃତ୍ୟ, କୁଇଜ,ବକ୍ତୃତା,ତର୍କ,ହସ୍ତକଳା ଇତ୍ୟାଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ବ୍ଲକ ସ୍ତରୀୟ ଏକ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୪ ଅନୁଷ୍ଠିତ

ନୀଳଗିରି, ୨୭/୯ (ନି.ପ୍ର): ନୀଳଗିରି ବ୍ଲକ ତେଲିପାଳ (ଏସଏସଡ଼ି) ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକ ସ୍ତରୀୟ ଏକ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଆନୁକୂଲ୍ୟରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱୋଳନ କରି ବା ପରେ ଖେଳ ପତାକା ଦେଖାଇ ଖେଳ ଉଦ୍ଘାଟନ କରିଥିଲେ । ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରିଣି ଶ୍ରୀମତୀ ସ୍ମିତା ପଣ୍ଡା ଏଥିରେ ସଭାପତିତ୍ୱ କରିଥଲେ । ସମ୍ମାନିତ ଅତିଥି ଭାବେ ତେଲିପାଳ ଏସଏସଡ଼ି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ ଓ ଶାନ୍ତିଲତା ମହାନ୍ତି, ବିଆରସିସି ମିହିର କୁମାର ଦାସ ମଞ୍ଚସିନ ଥାଇ ଖେଳ କୁଦ ସମ୍ପର୍କିତ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମାଟିଆଳି ସିଆରସିସି ରୂପକ କୁମାର ପସା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କେଶି ହାଇ ସ୍କୁଲ ର କ୍ରୀଡ଼ା ଶିକ୍ଷକ ଉମାକାନ୍ତ ଜେନା କ୍ରୀଡ଼ା ସଂଯୋଜକ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ କ୍ରୀଡାରେ ଭାଗ ନେଇଥିବା ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇ ଥିଲା । ନୀଳଗିରି ସିଆରସିସି ଚନ୍ଦନ କୁମାର ବେହେରା ଓ ସଜନାଗଡ଼ ସିଆରସିସି କୁଞ୍ଜବିହାରୀ ବେହେରା ଙ୍କ ତତ୍ତ୍ୱାବଧାନରେ ଉକ୍ତ କ୍ରୀଡ଼ାରେ ୧୪ ବର୍ଷରୁ ଅଧିକ ଏବଂ ୧୭ ବର୍ଷରୁ କମ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବାଳକ ବାଳିକା ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଶଟ ଫୁଟ, ଜେବଲିନ, ଡିସ୍କସ ପ୍ରମୁଖ ବିଭିନ୍ନ କ୍ରୀଡ଼ା ରେ ଭାଗ ନେଇ ଖେଳ ପ୍ରଦର୍ଶନ କରିଥିଲେ । କ୍ରୀଡ଼ା ଶିକ୍ଷକ ଦେବାଶିଷ ଭୋଳ, ରାଜେଶ ଖଟୁଆ, ପ୍ରଭାତ ରଞ୍ଜନ ଦାସ, ଗଣେଶ ଆରୁଖ, ହାଯାମ ମାରାଣ୍ଡି, ମହେଶ୍ୱର ସାହୁ, ଅର୍ପିତା ପ୍ରିୟଦର୍ଶନୀ କାମିଲା, ନିବେଦିତା ବାରିକ ଖେଳ ପରିଚାଳନା କରିଥିଲେ । ବ୍ଲକର ୩୨ଗୋଟି ବିଦ୍ୟାଳୟର ୨୯୬ ଜଣ କ୍ରୀଡାରେ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନ ପତ୍ର ଓ ଉପାଦେୟ ପୁସ୍ତକ ଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ବିଇଓ ଶ୍ରୀମତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ରମାକାନ୍ତ ବେହେରା, ଖେଳ ଶିକ୍ଷକ ସୌରଭ କୁମାର ପାଢ଼ୀ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ମମତା ପୋଥାଳ, ନିବେଦିତା ପ୍ରତିହାରୀ, ସୁବାଷ ଚନ୍ଦ୍ର ସିଂ, ପଦ୍ମଲୋଚନ ସିଂ, ଗଙ୍ଗାଧର ସିଂ, ବାପି ଚନ୍ଦ୍ର ମଲ୍ଲିକ, ଶାନ୍ତନୁ କୁମାର ସେନାପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସମ୍ପାଦକ, କୋଷାଧକ୍ଷ, ଅଭିଭାବକ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇଥିଲେ ।

# ଜୈବିକ ଧାନଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ

କପ୍ତିପଦା, ୨୭/୯ (ନି.ପ୍ର): ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ଅଧୀନରେ ଜୈବିକ ଧାନ ଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ବନାଞ୍ଚଳରେ ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷର ପ୍ରଣାଳୀ ଓ ରୋଗପୋକ ନିୟନ୍ତ୍ରଣ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ କପ୍ତିପଦା ବନାଞ୍ଚଳ ଅଧିନସ୍ଥ ବିଭିନ୍ନ ବନସୁରକ୍ଷା ସମିତିର ୩୦ରୁ ଅଧିକ ଚାଷୀ ତାଲିମ୍ ଗ୍ରହଣ କରିଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳନା ଏକକରୁ କ୍ଲଷ୍ଟର ମ୍ୟାନେଜର ଗୋରାଚାନ୍ଦ ସ୍ୱାଇଁ, ବାରିପଦା କ୍ଷେତ୍ରୀୟ ପରିଚାଳନା ଏକକରୁ କୈଳାସ ଚନ୍ଦ୍ର ଦାସ, ଏମ୍ଏମ୍ଏସ୍ଏରୁ ତୁଷାରକାନ୍ତ




ପାତ୍ର, ଗଦାଧର ମିଶ୍ର,କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାଶ, ବନପାଳ ଲକ୍ଷ୍ମୀକାନ୍ତ ବେହେରା, କନକ ବାୟୋସାଇନ୍ସ, ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ସାହା, ବ୍ଲକ ସଂଯୋଜକ ଶିବପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ । କ୍ଷେତ୍ର ପରିଚାଳନା ଏକକରୁ ପୂର୍ଣ୍ଣିମା ମିଶ୍ର,ଅମିତ କୁମାର ମହାପାତ୍ର, ଦୀପକ ସାମଲ ଓ ଅଶ୍ୱିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।

# ଗ୍ରୋସରି ଦୋକାନରେ ପହଞ୍ଚିଲା ସିଟି ଆଣ୍ଡ ଜିଏସଟି ଟିମ୍

ବସ୍ତା, ୨୭/୯ (ନି.ପ୍ର): ଜିଲ୍ଲା ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ବିଭାଗ ପକ୍ଷରୁ ୬ଜଣିଆ କାର୍ଯ୍ୟକାରୀ ଦଳ ବସ୍ତା ଥାନା ଅଧୀନସ୍ଥ ଅମର୍ଦ୍ଦାରୋଡ଼ ହାଟପଡ଼ିଆ ସ୍ଥିତ ସୁଶାନ୍ତ କୁମାର ରାଉଳଙ୍କ ହୋଲସେଲ(ତେଜରାତି) ଦୋକାନରେ ଅତର୍କିତ ଭାବେ ପହଞ୍ଚି ବାହାର ପଟୁ ଦୋକାନକୁ ବନ୍ଦ କରି ସମସ୍ତ ଷ୍ଟକ, କାଗଜପତ୍ର, ବ୍ୟାଙ୍କ କାରବାର ବା ନେଣ୍ ଦେଣ୍ ଆଦି ଯାଞ୍ଚ କରିଥିଲେ।ଆକଳନ ସମୟରେ ଉକ୍ତ ଦୋକାନୀ ଜଣକ କୌଣସି ଜିଏସଟି ନମ୍ବର ବ୍ୟବହାର ନକରି ବର୍ଷକୁ ପାଖା ପାଖି ୪୦ ଲକ୍ଷ କାରବାର ଚଳାଇଥିବା ଜଣାପଡ଼ିଥିଲା।ଏଣୁ ଅଧିକାରୀମାନେ ଯୁଗ୍ମ ଆୟୁକ୍ତ ଏବଂ ଉପ ଆୟୁକ୍ତଙ୍କୁ ସର୍ଭେ ରିପୋର୍ଟ ଦେବା ଲାଗି ସମସ୍ତ କାରବାରର ଏକ ରିପୋର୍ଟ ପ୍ରସ୍ତୁତ କରି ଉକ୍ତ ଦୋକାନୀଙ୍କ ଠାରୁ ସଂଗ୍ରହ କରିଥିଲେ। ଏହି ଯାଞ୍ଚ ସମୟରେ ଦୋକାନ ଗୃହରେ ଗୁଡ଼ାଏ ବେଆଇନ ଗୁଟଖା ମିଳିଥିବା ଜଣାପଡ଼ିଛି। ଦୋକାନୀ ଜଣକ ଜିଲା ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ବିଭାଗକୁ ଆସି ହସ୍ତଗତ ହୋଇଥିବା ସର୍ଭେ ରିପୋର୍ଟ ମୂଳେ ଦୋକାନର ବିଭିନ୍ନ ଦ୍ରବ୍ୟର କ୍ରୟର କାଗଜପତ୍ର ଦେଖାଇବାକୁ କୁହାଯାଇଥିବା ଏବଂ ସେଥିରୁ ବିଚ୍ୟୁତି ହେଲେ ସଂପୃକ୍ତ ଦୋକାନୀକୁ ମୋଟା ଅଙ୍କର ଜୋରିମାନା କରାଯିବ ବୋଲି ଏନଫୋର୍ସ ରେଞ୍ଜ ର ସିଟି ଆଣ୍ଡ ଜିଏସଟି ଅଫିସର ଧିରେନ୍ଦ୍ର କୁମାର ମହାନ୍ତି କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo